

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୧ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 01 November 2025

Vol.No. 36 ■ No.287 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...

website : sagarika.in.net


# ମହାଗଠବନ୍ଧନ ରାସ୍ତାରେ ଏନଡିଏ

## ➤ତେଜସ୍ୱୀଙ୍କ ପ୍ରତି ଘରୁ ସରକାରୀ ଚାକିରିକୁ ଏନଡିଏର ୧ କୋଟି ଚାକିରି ପ୍ରଲୋଭନ

## ➤ମାଲ ମାଲ ମାଗଣା ଯୋଜନା, କାହାକୁ ବିଶ୍ୱାସ କରିବେ ବିହାର ଭୋଟର



ନୂଆଦିଲ୍ଲୀ,୩୧/୧୦ : ବିହାର ବିଧାନସଭା ନିର୍ବାଚନ ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ଆଜି 'ସଂକଳ୍ପ ପତ୍ର' ବା ନିର୍ବାଚନୀ ଇସ୍ତାହାର ଜାରି କରିଛି । ବିହାର ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ଏହି 'ସଂକଳ୍ପ ପତ୍ର'ରେ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଛି । ଏନଡିଏ ପୁଣି ରାଜ୍ୟରେ କ୍ଷମତା ଦଖଲ କଲେ ବିପୁଳ ସଂଖ୍ୟାରେ ନିଯୁକ୍ତି ଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ ଓ ବିଭିନ୍ନ କ୍ଷେତ୍ରରେ କଲ୍ୟାଣମୂଳକ ଯୋଜନା ଲାଗୁ କରିବ ବୋଲି କହିଛି। ଠିକ ଦୁଇ ଦିନ ପୂର୍ବରୁ ମହାଗଠବନ୍ଧନ ପ୍ରଣପତ୍ର ନାଁରେ ନିର୍ବାଚନୀ ଇସ୍ତାହାର ଜାରି କରି ବିହାରବାସୀଙ୍କ ମନଜିତିବାକୁ ଚେଷ୍ଟାର କରିସାରିଛି । ଆସନ୍ତୁ ଦେଖିବା ଉଭୟମେଣ୍ଟର ନିର୍ବାଚନୀ ଇସ୍ତହାରକୁ ତୁଳନା କରିବା ଓ ଦେଖିବା କିଏ ଦେଇଛି କେଉଁ ପ୍ରତିଶ୍ରୁତି । ଗୋଟେ ପଟେ ଉଭୟ ମେଣ୍ଟ ଲୋଭନୀୟ ପ୍ରତିଶ୍ରୁତି ଦେଇ ଭୋଟ ହାତେଇବା ପାଇଁ ସବୁ ପ୍ରକାର

▶▶ପୃଷ୍ଠା ୭

### ବିହାର ନିର୍ବାଚନୀ ଇସ୍ତାହାର

**ଏନଡିଏ**

-୧ କୋଟି ଚାକିରି ଓ ବିପୁଳ ସଂଖ୍ୟାରେ କର୍ମନିଯୁକ୍ତି
-ଲକ୍ଷପତି ଦିଦି ଓ ମିସନ କୋଟିପତି
-୧୨୫ ୟୁନିଟ୍ ଯାଏ ମାଗଣା ବିଜୁଳି
-୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା
-ଅତ୍ୟନ୍ତ ପଛୁଆ ବର୍ଗଙ୍କୁ ଅଧିକ ସଂରକ୍ଷଣ ଓ ସହାୟତା
-ମାଗଣା ଓ ଉତ୍ତମ ସ୍କୁଲ
-ଏକ୍ସପ୍ରେସୱେ, ରେଳ ଓ ମେଟ୍ରୋ ସମ୍ପ୍ରସାରଣ
-ପ୍ରତିଟି ଜିଲ୍ଲାରେ କାରଖାନା ପ୍ରତିଷ୍ଠା
-ଗରିବଙ୍କ ପାଇଁ ପଞ୍ଚାମୃତ ଗ୍ୟାରେଣ୍ଟି
-ଯୋଗ୍ୟ ପରିବାରକୁ ସାମାଜିକ ସୁରକ୍ଷା ପେନସନ୍
-କର୍ପୂରୀ ଠାକୁର କିଷାନ ସମ୍ମାନ ନିଧି
-ବିହାର ଦୁଗ୍ଧ ଓ ମତ୍ସ୍ୟ ମିସନ

**ମହାଗଠବନ୍ଧନ**

-୨୦ ମାସ ଭିତରେ ପ୍ରତ୍ୟେକ ପରିବାରର ଜଣଙ୍କୁ ସରକାରୀ ଚାକିରି
-ମାଇବେହେନ ଯୋଜନାରେ ମହିଳାଙ୍କୁ ମାସକୁ ଅଢ଼େଇ ହଜାର
-ପ୍ରତି ଘରକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍,
-ପ୍ରତି ନାଗରିକଙ୍କ ନିମନ୍ତେ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା
-ଦୁର୍ନୀତିମୁକ୍ତ ବିହାର ଗଠନ, ସଂଖ୍ୟାଲଘୁ ସମ୍ପ୍ରଦାୟକୁ ସୁରକ୍ଷା
-ପ୍ରତିଯୋଗିତାମୂଳକ ପରୀକ୍ଷାରେ ମାଗଣା ଫର୍ମ ଓ ଖର୍ଚ୍ଚ
-ମନରେଗା ଶ୍ରମିକଙ୍କୁ ଦୈନିକ ୩୦୦ ଟଙ୍କା ପାରିଶ୍ରମିକ
-ବର୍ଷକୁ ଅତିକମ୍‌ରେ ୨୦୦ ଦିନ କର୍ମଯୋଗାଣ
-ଦିବ୍ୟାଙ୍ଗଙ୍କୁ ମାସିକ ୩ ହଜାର ଟଙ୍କା ପ୍ରଦାନ
-ସଂରକ୍ଷଣ ସୀମା ୫୦%ରୁ ୬୦%କୁ ବୃଦ୍ଧି
-ପୁରୁଣା ପେନସନ ଯୋଜନା ଲାଗୁ
-ଚୁକ୍ତିଭିତ୍ତିକ ଚାକିରି ବଦଳରେ ସ୍ଥାୟୀ

# ସୁଭଦ୍ରା ଆଶାୟୀମାନେ ଆଜିଠୁ କରିପାରିବେ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ




ଭୁବନେଶ୍ୱର, ୩୧/୧୦ (ନି.ପ୍ର): ସୁଭଦ୍ରା ଆଶାୟୀଙ୍କ ପାଇଁ ଖୁସି ଖବର । ପୁଣି ଖୋଲିବ ସୁଭଦ୍ରା ପୋର୍ଟାଲ । କାଲିଠୁ ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା ଆବେଦନ । ୨୧ ବର୍ଷ ବୟସ ହୋଇଥିଲେ ଯୁବତୀ ଓ ମହିଳାମାନେ ସୁଭଦ୍ରା ଯୋଜନାରେ ଆବେଦନ କରିପାରିବେ। ଏନେଇ ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଯେଉଁମାନେ ୨୦ରୁ ୨୧ ବର୍ଷରେ ପହଞ୍ଚିଲେ ସେମାନେ ଆବେଦନ କରିପାରିବେ। ଉପନିର୍ବାଚନ ପାଇଁ ଆଚରଣ ବିଧି ଲାଗିଥିବା ନୂଆପଡ଼ା ନିର୍ବାଚନ ମଣ୍ଡଳୀକୁ ଛାଡ଼ି ଅନ୍ୟ ସବୁ ସ୍ଥାନରେ ପୋର୍ଟାଲ ବ୍ୟବହାର କରିହେବ । ପ୍ରଥମ ପର୍ଯ୍ୟାୟରେ କୋଟିଏ ୨ ଲକ୍ଷ ୮୦ ହଜାର ମହିଳା ପ୍ରଥମ କିସ୍ତି ପାଇଥିବାବେଳେ କୋଟିଏ ୯୬ ହଜାର ୩୦୭ ଜଣ ଦ୍ୱିତୀୟ କିସ୍ତି ପାଇଛନ୍ତି । ପରେ ୯୬ ଲକ୍ଷ ୯୬ ହଜାର ୯୫୫ ଜଣ ହିତାଧିକାରୀ ତୃତୀୟ କିସ୍ତି ପାଇଛନ୍ତି । ତେବେ ଚତୁର୍ଥ କିସ୍ତି ଦେବା ପୂର୍ବରୁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିଥିବା କିଛି ମହିଳାଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର । ମାର୍ଚ୍ଚ ୮ତାରିଖ ମହିଳା ଦିବସରେ ପରବର୍ତ୍ତୀ କିସ୍ତି ପ୍ରଦାନ କରାଯିବ ।

# ମୋଷ୍ଟ ୱାଣ୍ଟେଡ ଦ୍ୱିବେନ୍ଦୁ ମହାରଣାଙ୍କୁ ରିମାଣ୍ଡରେ ନେଇ ସତ ଓଗାଳିବ ସିବିଆଇ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଭୁବନେଶ୍ୱରରେ ଦିଲ୍ଲୀ ସିବିଆଇ ଟିମ୍। ଦ୍ୱିବେନ୍ଦୁ ମହାରଣାଙ୍କୁ ରିମାଣ୍ଡରେ ନେବାକୁ ପ୍ରକ୍ରିୟା ଆରମ୍ଭ। ଦ୍ୱିବେନ୍ଦୁ ମହାରଣା ଦିଲ୍ଲୀ ସିବିଆଇ ପାଇଁ ଥିଲେ ମୋଷ୍ଟ ୱାଣ୍ଟେଡ। ଦିଲ୍ଲୀରେ ଘୋଟଲା କରି ଦୁବାଇରେ ଥିବା ଦ୍ୱିବେନ୍ଦୁ ପାଇଁ ବଢିଲା ଅଡୁଆ ଓ ଗତକାଲି ଏୟାରପୋର୍ଟରୁ ଗିରଫ ଠକ ଦ୍ୱିବେନ୍ଦୁ ମହରଣାଙ୍କୁ ଝାଳବୁହା ଜେରା ପାଇଁ ଦିଲ୍ଲୀ ନେବାକୁ ପ୍ରସ୍ତୁତ ହେଉଛି ସିବିଆଇ ଟିମ ଓ ସ୍ପେସାଲ ସିଜେଏମ ସିବିଆଇ କୋର୍ଟରେ ଏନେଇ ରିମାଣ୍ଡ ଆବେଦନ କରିଛି ଓ କୋର୍ଟଙ୍କ ଅନୁମତି ପରେ, ତାକୁ ରିମାଣ୍ଡରେ ନେଇ ଘାଣ୍ଟିବା ସହ ସବୁ ସତ ଓଗାଳିବ ବୋଲି ଜଣା ପଡିଛି ଓ ତେବେ ବିଭିନ୍ନ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ହଡ଼ପ ପରେ ଆବୁଧାବିରେ ଲୁଚିଥିଲେ ଏହି ଅଭିଯୁକ୍ତ, ଯାହାକୁ ଖୋଜିବାକୁ ଯାଇ ନାକେଦମ ହୋଇଥିଲା ସିବିଆଇ।

# କୁଆଡ଼େ ଗଲେ ସାର୍ପ ସୁଟର କୁରୁପତି ଓ ସୁପାରି ଡିଲର ଉମା ?: ନ୍ୟାୟିକ ଲଢ଼େଇ ପାଇଁ ହେଉଛି ବଡ଼ ପ୍ରସ୍ତୁତି



ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଅକ୍ଟୋବର ୬ରୁ ଆଜି ହେଲାଣି ୩୧ ତାରିଖ। ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୨୫ ଦିନ ହେଲାଣି। ତଥାପି ଅଭେଦ୍ୟ ବହୁ ରହସ୍ୟ। ମାଳ ମାଳ ପ୍ରଶ୍ନର ଉତ୍ତର ବି ମିଳୁନି। କୁଆଡ଼େ ଗଲେ ସାର୍ପସୁଟର କୁରୁପତି ଭୂୟାଁ, ସୁପାରୀ ଡିଲର ଉମା ବିଶୋୟୀ ? କେଉଁଠି କରିଛନ୍ତି ଆତ୍ମଗୋପନ ? କୁଆଡ଼େ ଏମିତି ସୀମାପାର ହେଲେ ଯେ ରାଜ୍ୟ ତଥା ବାହାରେ ଘନଘନ ସର୍ଚ୍ଚ ଅପରେସନ୍ ପରେ ବି ୨ ଜଣଙ୍କର ଠିକଣା ଖୋଜି ପାଉନି ପୋଲିସ ? ମର୍ଡର ପ୍ଲଟର ମୋଷ୍ଟୱାଣ୍ଟେଡ୍ କୁରୁପତି ଓ ଉମାର ସନ୍ଧାନ ନ ମିଳିବା ପୋଲିସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ତଦନ୍ତକୁ ନେଇ ବି ଉଠିଲାଣି ପ୍ରଶ୍ନ। ସେମାନଙ୍କ ଲିଙ୍କରେ ୨ କର୍ପୋରେଟରଙ୍କ ସମେତ ୫ ଜଣଙ୍କୁ ଗତକାଲିଠୁ ମାରାଥନ୍ ଜେରା କରିଛି ବ୍ରହ୍ମପୁର ପୋଲିସ। ବିକ୍ରମଙ୍କ ସହଯୋଗୀ ସୁଦର୍ଶନ ଜେନାଙ୍କୁ ପୁଣି ଥରେ ଘାଣ୍ଟିଛି। କୁରୁପତି ଓ ଉମାକୁ ଖୋଜିବା ଭିତରେ ପୀତବାସଙ୍କ ହତ୍ୟା ମାମଲାରେ ତଥ୍ୟ ପ୍ରମାଣ ବି ଜୁଟାଉଛି ପୋଲିସ। ସେପଟେ ଗିରଫ ୧୪ ଅଭିଯୁକ୍ତ କୋର୍ଟରେ ନ୍ୟାୟିକ ଲଢ଼େଇ ଲଢ଼ିବାକୁ ବିରାଟ ତୟାରି କରୁଛନ୍ତି। ଗିରଫ ବିଜେଡି ନେତା ବିକ୍ରମ ପଣ୍ଡା ଏଣ୍ଡ କମ୍ପାନୀ ସପକ୍ଷରେ ଲଢ଼ିବାକୁ ପ୍ରାୟ ୪୪ ଓକିଲ ୱକାଲତନାମା ଦାଖଲ କରିଥିବା ବେଳେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିପାରନ୍ତି ୨ ଜଣ ଅଭିଜ୍ଞ ଓକିଲ। ଏଥିପାଇଁ ବରିଷ୍ଠ ଆଇନଜୀବୀ କାଳୀଚରଣ ମିଶ୍ର, ଅବିନାଶ ପାଢ଼ୀଙ୍କୁ ନିୟୋଜିତ କରିବା ପାଇଁ କ୍ରାଇମବ୍ରାଞ୍ଚ

▶▶ପୃଷ୍ଠା ୭

# ବବି ଓ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ନାଁରେ ସାଂଘାତିକ ଅଭିଯୋଗ: ଥାନାରେ ଏତଲା



ଭୁବନେଶ୍ୱର, ୩୧/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ଥାନା ଅଞ୍ଚଳରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ଓ ବିଧାୟକ ଅଧିରାଜ ପାଣିଗ୍ରାହୀ ଜଣେ ବ୍ୟକ୍ତିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। କୋମନା ଥାନାରେ ଏନେଇ ଏତଲା ଦିଆଯାଇଥିବା ବେଳେ ବବି ଦାସ କିମ୍ବା ଅଧିରାଜଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ବବି ଓ ଅଧିରାଜଙ୍କ ବିରୋଧରେ ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କ ନାଁ ଜିତୁ ଆଡ଼ବାଙ୍ଗ। ସେ କୋମନାର ପାଇକପଡ଼ାର ବାସିନ୍ଦା। ଜିତୁ ତାଙ୍କ ଏଫଆଇଆରରେ ଲେଖିଛନ୍ତି ଯେ ଅକ୍ଟୋବର ୩୦ ତାରିଖ ଅପରାହ୍ନ ୨ଟା ବେଳେ ବବି ଦାସ ଓ ଅଧିରାଜ ପାଣିଗ୍ରାହୀ ତାଙ୍କୁ ବିଜେଡି ନେତା ମନୋଜ ମିଶ୍ରଙ୍କ ଫାର୍ମ ହାଉସକୁ ଡକାଇଥିଲେ। ସେ ସେଠାରେ ପହଞ୍ଚିବା ପରେ ବବି ଦାସ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହିତ ଆଗରୁ ତ ବିଜେଡିରେ ବୁଲୁଥିଲୁ, ଏବେ କାହିଁକି ବିଜେପିରେ ବୁଲୁଛୁ ବୋଲି ପଚାରିଥିଲେ। ତା'ପରେ ବବି ତାଙ୍କ ଶାର୍ଟ କାଲରକୁ ଧରି ଘୋଷାଡ଼ି ନେବା ସହ ମାଡ଼ ମାରିଥିଲେ। ତା'ସହିତ ତାଙ୍କୁ ଓ ତାଙ୍କ ପରିବାରକୁ ଜୀବନରୁ ମାରିଦେବାକୁ କହିଥିଲେ।

▶▶ପୃଷ୍ଠା ୭

## ଆଜି ଓଡ଼ିଶା ଆସିବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଭାରତ ସରକାରଙ୍କ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ୧ ନଭେମ୍ବର ଶନିବାର ଭୁବନେଶ୍ୱରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ଓଡ଼ିଶା ଗସ୍ତ କରିବେ। ଏହି ଗସ୍ତ ସମୟରେ, କେନ୍ଦ୍ରମନ୍ତ୍ରୀ ଭୁବନେଶ୍ୱରର ଇନଫୋ ଭ୍ୟାଲିରେ ଏସଆଇସିଏସଇଏମ୍ (ଅର୍ଦ୍ଧପରିବାହୀ ନିର୍ମାଣ ୟୁନିଟ୍)ର ଭୂମିପୂଜନ ସମାରୋହରେ ଯୋଗଦେବେ।

# ପୁଣିଥରେ ନୂଆପଡ଼ା ଯିବେ ସିଏମ ମୋହନ ମାଝୀ: ୩ରେ ନୂଆପଡ଼ାରେ ପ୍ରଚାର କରିବେ ନବୀନ



ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଯେତିକି ପାଖଉଛି ଭୋଟ୍ ତାରିଖ, ସେତିକି ଜମୁଛି ପ୍ରଚାର ମୈଦାନ। ନୂଆପଡ଼ା ଉପନିର୍ବାଚନ ରଣଭୂମିରେ ଏବେ ସବୁ ଦଳର ଛାମୁଆ ନେତା। ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୀ ଜାନ୍ ଲଗାଇଛନ୍ତି ସବୁ ଦଳର ଦମ୍ଭିଲା ନେତା। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଥମ ଥର କ୍ୟାମ୍ପେନ୍ ପରେ ଏବେ ଦ୍ୱିତୀୟ ଏବଂ ତୃତୀୟ ଦଫାରେ ଗ୍ରାଉଣ୍ଡ ଯିବାକୁ ଯୋଜନା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଆଉ ଏପଟେ ପ୍ରଚାରରେ ପଛରେ ନପଡ଼ିବାକୁ ସବୁ କଳ ବଳ ଲଗାଇଥିଲେ ବି ବିଜେଡି ପାଇଁ ଅଭାବ ଥିଲା କେବଳ ନବୀନଙ୍କ ଉପସ୍ଥିତି। ହେଲେ ସେ ଅଭାବ ଦୂର କରି ବିଜେଡି କ୍ୟାମ୍ପେନରେ ନବୀନ ଟଚ୍ ଦେବାକୁ ୩ରେ ନୂଆପଡ଼ା ବ୍ୟାଟେଲ ଗ୍ରାଉଣ୍ଡକୁ ଓହ୍ଲାଉଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସେହିଦିନ କୋମନା ଓ ଖରିଆରରେ ବିଶାଳ ସଭାରେ ଯୋଗଦେବେ ବିଜେଡି ସଭାପତି।

▶▶ପୃଷ୍ଠା ୭

# କଂଗ୍ରେସର ଭୁଲ୍ ଭୋଗିବାକୁ ପଡୁଛି: କଡା ସମାଲୋଚନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୧/୧୦ : ଭାରତ ଇଂରେଜମାନଙ୍କ କବଳରୁ ମୁକ୍ତ ହୋଇଗଲା ସତ କିନ୍ତୁ ମୁକ୍ତ ହୋଇ ନଥିଲା ଗଡ଼ଜାତ ରାଜ୍ୟରୁ, ମତଭେଦ ଏବଂ ଅସ୍ଥିରତାରୁ। ଏହାରି ମଧ୍ୟରେ ସମଗ୍ର ଦେଶ ଖୋଜୁଥିଲା ଦିଗଦର୍ଶନ। ସେହି ସମୟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦୃଢ଼ ନିଷ୍ପତ୍ତି ଏବଂ ଅଟଳ ଦେଶପ୍ରେମର ପ୍ରତୀକ ଭାବରେ ଠିଆ ହୋଇଥିଲେ। ସିଏ ଏମିତି ଜଣେ ନେତା ଥିଲେ, ଯିଏ ଖଣ୍ଡା କିମ୍ବା ଯୁଦ୍ଧରେ ନୁହେଁ, ବରଂ ନିଜର ଅଟଳ ଇଚ୍ଛାଶକ୍ତି ଏବଂ ରାଜନୈତିକ ଜ୍ଞାନ ଦ୍ୱାରା ୫୬୨ଟି ଗଡ଼ଜାତ ରାଜ୍ୟକୁ ଏକାଠି କରି ଭାରତକୁ ଅଖଣ୍ଡ ଶକ୍ତି ପରିଣତ କରିଦେଲେ। ଏହି କାରଣରୁ ତାଙ୍କୁ କେବଳ 'ଭାରତର ଲୌହ ପୁରୁଷ' କୁହାଯାଏ ନାହିଁ ବରଂ ଦେଶ ନିର୍ମାଣର ସବୁଠାରୁ ଏକ ବଡ ସ୍ତମ୍ଭ ମଧ୍ୟରୁ ସେ ହେଉଛନ୍ତି ଜଣେ।ଏହି ମହାପୁରୁଷଙ୍କ ଜନ୍ମ ୩୧ ଅକ୍ଟୋବର ୧୮୭୬ରେ ଗୁଜୁରାଟର ନାଡିୟାଦରେ ହୋଇଥିଲା। ସେ ଆଇନର ପାଠ ପଢି ଜଣେ ସଫଳ ଓକିଲ ହୋଇଥିଲେ ସତ, କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଜାତୀୟତାବାଦୀ ଆହ୍ୱାନ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଦେଶ ସ୍ୱାଧିନତା ପରେ ସେ ପ୍ରଥମ ଗୃହମନ୍ତ୍ରୀର ଦାୟିତ୍ୱ ନେଇଥିଲେ। ଆଜି ସାରା ଦେଶ ଏହି ଲୌହ ମାନବଙ୍କ ୧୫୦ ତମ ଜୟନ୍ତୀକୁ ଏକତା ଦିବସ ଭାବେ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ରେ ପଟେଲଙ୍କୁ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଛନ୍ତି।

▶▶ପୃଷ୍ଠା ୭

# ଭାରତ ଏକ ପରିବର୍ତ୍ତନ ଦେଇ ଗତି କରୁଛି, ଭୟର କାରଣ ନାହିଁ : ଡୋଭାଲ୍



ନୂଆଦିଲ୍ଲୀ,୩୧/୧୦ : ଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଅଜିତ ଡୋଭାଲ କହିଛନ୍ତି ଯେ ଭାରତ ଏକ ପରିବର୍ତ୍ତନ ଦେଇ ଗତି କରୁଛି ଏବଂ ଏହାକୁ ଭୟ କରିବାର କୌଣସି ଆବଶ୍ୟକତା ନାହିଁ। ସେ ପଡ଼ୋଶୀ ଦେଶଗୁଡ଼ିକରେ ହୋଇଥିବା ବିଦ୍ରୋହ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ଘଟଇ କହିଛନ୍ତି ଯେ ବାଂଲାଦେଶ,

▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ଭବାନୀପାଟଣା, ୩୧/୧୦ (ନି.ପ୍ର): କଳାହାଣ୍ଡି ଜିଲ୍ଲାସ୍ତରୀୟ ବିଶ୍ୱ ମତବ୍ୟୟିତା ଦିବସ ପାଳନ ଅବସରରେ ସୁରକ୍ଷିତ ସଂଚୟ ଓ ସାଇବର ଅପରାଧ ସମ୍ପର୍କରେ ଏକ ସଚେତନତା କର୍ମଶାଳା ଆଜି ଜିଲ୍ଲାପରିଷଦ କଳାହାଣ୍ଡି ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଏହି କର୍ମଶାଳାର ଶୁଭଉଦଘାଟନ କରି ନିଜର, ନିଜ ପରିବାରର ସୁନେଲି ଭବିଷ୍ୟତ ପାଇଁ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ହେଲେ ରୋଜଗାର ସହିତ ଜାତୀୟ ବ୍ୟାଙ୍କ, ପୋଷ୍ଟ ଅଫିସ୍ ମାଧମରେ ଖାତା ଖୋଲି ନିଜର ସଂଚୟ ଅର୍ଥକୁ ସୁରକ୍ଷିତ କରି ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । କୌଣସି ପ୍ରାଇଭେଟ ଅର୍ଥ ଲଗାଣ ପ୍ରଲୋଭନକାରୀ ସଂସ୍ଥାର କଥାରେ ନପଡି ତାଙ୍କଠାରୁ ଦୂରେଇ ରହିବା ପାଇଁ ମଧ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମର ସମ୍ମାନିତ ଅତିଥୀ ଭାବେ ଅତିରିକ୍ତ ଜିଲ୍ଲାପାଳ (ସା.) ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେଶନ) ଅନିମେଷ ପ୍ରଧାନ, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୁର ?ୟୋଧନ ଭୋଇ, ପୋଷ୍ଟାଲ ସୁପରିଟେନଡେଂଟ ସୁଶାନ୍ତ କୁମାର ପାଣିଗ୍ରାହୀ, ଏଲ.ଡି.ଏମ୍. ଧର୍ମୁରାଜ ସୁନାନୀ, ଡି.ଏସ.ପି. ସାଇବର୍ କ୍ରାଇମ ଅଳକାନନ୍ଦା ସାହୁ ଯୋଗଦେଇ ବିଶ୍ୱ ମିତବ୍ୟୟିତା ଦିବସ ପାଳନର ତାତ୍ପର ?ୟ ଉପରେ ଉଲ୍ଲେଖ କରି ସୁରକ୍ଷିତ ସଂଚୟ ଉପରେ ଆଲୋକପାତ କରିଥିଲେ । ବ୍ୟାଙ୍କ, ପୋଷ୍ଟ ଅଫିସ୍‌ରେ ଖାତା ଖୋଲି ବିଭିନ୍ନ ଲାଭଜନକ ସ୍କିମର ସୁବିଧା କିପରି ପାଇ ପାରିବେ ସେ ସମ୍ପର୍କରେ ଅତିଥିମାନେ ପରାମର୍ଶ ଦେଇଥିଲେ ।ଏହି ଅବସରରେ ସ୍ୱଳ୍ପ ସଂଚୟ ଦିଗରେ ସଚେତନତା ପାଇଁ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ଓ ପୋଷ୍ଟାଲ ବିଭାଗ ତରଫରୁ ଏକ କିଅକସ ସେଂଟର ଖୋଲା ଯାଇଥିଲା । ଏହାକୁ ଜିଲ୍ଲାପାଳ ଉଦଘାଟନ କରିଥିଲେ । ନୂତନ ଭାବେ ଆଜି ପୋଷ୍ଟାଲ୍ ଜୀବନ ବୀମା ପି.ପି.ଏଫ୍. ଏକାଉଂଟ ଖୋଲିଥିବା ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ, ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ବିଭାଗ ବିବେକାନନ୍ଦ ମହାନନ୍ଦ, ସୁକନ୍ୟା ସମୃଦ୍ଧି ଯୋଜନା ପାଇଁ ଖାତା ଖୋଲିଥିବା ଡେପୁଟି ଜିଲ୍ଲାପାଳ ମନୀଷା ଗୁପ୍ତା ଙ୍କ ଝିଅଙ୍କୁ ଜିଲ୍ଲାପାଳ ପାସବୁକ ପ୍ରଦାନ କରିଥିଲେ । ସେହିପରି ଆଜି ୩୨ ଜଣ ସରକାରୀ କର୍ମଚାରୀ ବିଭିନ୍ନ ସ୍କିମର ପୋଷ୍ଟାଲ ଏକାଉଣ୍ଟ ଖୋଲିଥିଲେ । ସଚେତନତା କର୍ମଶାଳା ରେ ୨୦୦ ରୁ ଉର୍ଦ୍ଧ ସରକାରୀ ଅଧିକାରୀ, କର୍ମଚାରୀ ଙ୍କୁ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।ଏହି କର୍ମଶାଳାରେ ସହକାରୀ ନିର୍ଦ୍ଦେଶକ ବିବେକାନନ୍ଦ ମହାନନ୍ଦ ବିଶ୍ୱ ମିତବ୍ୟୟିତା ଦିବସ ପାଳନ ର ଆଭିମୁଖ୍ୟ ଓ ସୁରକ୍ଷିତ ସଂଚୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଡି.ଏସ.ପି. ସାଇବର୍ କ୍ରାଇମ ଶ୍ରୀମତୀ ସାହୁ ସାଇବର୍ ସୁରକ୍ଷା ସମ୍ପର୍କରେ ବିଷଦ ଭାବେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଡି. ଡି. ପ୍ଲାନିଂଙ୍ଗ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲାପାଳଙ୍କ କାର୍ଯ୍ୟାଳୟ ର ସମସ୍ତ ଡେପୁଟି ଜିଲ୍ଲାପାଳ, ସହକାରୀ ଜିଲ୍ଲାପାଳ, କର୍ମଚାରୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଏଥିରେ ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଏ.ପି.ଡି. ବିଦ୍ୟାଧର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ନବଜାତ ହାତୀ ଛୁଆର ମୃତ୍ୟୁ: ମୃତ ଛୁଆକୁ ଜଗି ରହିଲା ମା’ ହାତୀ

ବାରିପଦା, ୩୧/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ରେଞ୍ଜ ଅଂଚଳରେ ନବ ଜାତ ହାତୀ ଛୁଆର ମୃତ୍ୟୁ ହୋଇଛି । ବ୍ରାହ୍ମଣ ଗାଁ ନିକଟସ୍ଥ ସାତଭାୟା ଜଙ୍ଗଲରେ ହାତୀଟି ଜନ୍ମ ହେବା ପରେ ମୃତ୍ୟୁ ହୋଇଥିବା ଖବର ମିଳିଛି । ତେବେ ଛୁଆର ମୃତ୍ୟୁ ପରେ ମା ହାତୀ ଛୁଆ ପାଖରେ ଜଗି ରହିଛି । ବ୍ରାହ୍ମଣ ଗାଁ ପଂଚାୟତର ବିଭିନ୍ନ ସ୍ଥାନରେ କିଛି ଦିନ ଧରି ୧୨ ଟିକିଆ ହାତୀ ପଲ ଚଳପ୍ରଚଳ କରୁଛନ୍ତି । ଶିମିଳିପାଳ ପାଦଦେଶର ସାତଭାୟା ଜଙ୍ଗଲରେ ମାଈ ହାତୀ ବିଲ ମଝିରେ ହାତୀ ଛୁଆକୁ ଜନ୍ମ ଦେଇଥିଲା । ତେବେ ହାତୀ ଛୁଆଟି ଦୁର୍ବଳ ଥିବାରୁ ମା ହାତୀ ତାର ସୁରକ୍ଷା ପାଇଁ ଜଗି ରହିଥିବା ସମୟରେ ଜନ୍ମର କିଛି କ୍ଷଣ ଜୀବିତ ପରେ ବୁଧବାର ସନ୍ଧ୍ୟା ସମୟରେ ମୃତ୍ୟୁ ହୋଇଥିଲା । ଛୁଆ ପୁଣି ଜୀବିତ ହେବ ସେହି ଆଶା ନେଇ ମା ହାତୀ ଦୀର୍ଘ ସମୟ ଧରି ମୃତ ଛୁଆ ହାତୀକୁ ଜଗି ବସିଥିଲା । ବନ ବିଭାଗ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । କିନ୍ତୁ ଛୁଆ ହାତୀ ପାଖକୁ ଯାଇ ପାରିନଥିଲେ । ଗୁରୁବାର ସକାଳୁ ମା’ ହାତୀକୁ ମୃତ ପିଲା ଠାରୁ ଦୂରେଇବା ପରେ ଶବ ବ୍ୟବଚ୍ଛେଦ କରାଯାଇଛି । ମୃତଦେହରୁ ନମୁନା ସଂଗ୍ରହ କରାଯାଇ ଯାଂଚ ନିମନ୍ତେ ଓୟୁଏଟିକୁ ପଠାଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କର୍ତୃପକ୍ଷ କହିଛନ୍ତି । ଶବ ବ୍ୟବଚ୍ଛେଦ କରିବା ପରେ ମୃତଦେହକୁ ପୋତି ଦିଆଯିବ ବୋଲି ସୂଚନା ମିଳିଛି । ତେବେ ହାତୀ ପଲ ନିକଟସ୍ଥ ଅଂଚଳରେ ଚଳପ୍ରଚଳ କରୁଥିବାର ଦେଖିବାକୁ ମିଳିଛି ।

# ବାଲେଶ୍ୱର ଶାଖା ଦୁର୍ନୀତି ସଂଘର୍ଷ ମଞ୍ଚ ବୈଠକ




ବାଲେଶ୍ୱର , ୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ତ ୩୦ ରିଖ ବାଲେଶ୍ୱର ଶାଖା ଦୁର୍ନୀତି ସଂଘର୍ଷ ମଞ୍ଚ ସଭାପତି ଜିତେନ୍ଦ୍ର କୁମାର ଘୋଷାଲ ସଭାପତିତ୍ୱରେ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଧାରଣ ସଂପାଦକ ମହେଶ୍ୱର ପ୍ରଧାନ, ଉପସଭାପତି ବାସୁଦେବ ରାଉଳ , ଉପଦେଷ୍ଟା ରାଧାକୃଷ୍ଣ ଆଚାର୍ଯ୍ୟ , ଯୁଗ୍ମ ସମ୍ପାଦକ ତପନ କୁମାର ଦାସ, ଯୁଗ୍ମ ସହ ସମ୍ପାଦକ ବିଜୟ କୁମାର ବେହେରା , ସହ ସମ୍ପାଦକ ରବିନାରାୟଣ ବେହେରା , କୋଷାଧ୍ୟକ୍ଷ ସୁରେଶ ରଣା , ଉପଦେଷ୍ଟା ବରିଷ୍ଠ ଓକିଲ ଜ୍ଞାନ ରଞ୍ଜନ ମିଶ୍ର ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, କମଳା ଦାସ , ପ୍ରଭାକର ସାହୁ , ମୃତ୍ୟୁଞ୍ଜୟ ପ୍ରଧାନ ଉପସ୍ଥିତ ଥିଲେ ବାଲେଶ୍ୱର ଜିଲ୍ଲାର ଦୁର୍ନୀତି ପ୍ରଶାସନ ତରଫରୁ ଦିନକୁ ଦିନ ବୃଦ୍ଧି ପାଉଛି ତେଣୁ ତାକୁ କିପରି ରାକ ଲାଗିବ ସେଥିପାଇଁ ଆଲୋଚନା ହୋଇଥିଲା । ଏପରିକି ବାଲେଶ୍ୱର ଜିଲ୍ଲାର ମ୍ୟୁନିସପାଲିଟି ଅଧୀନ ରେ ଥିବା ୨୪ ନମ୍ବର ୱାର୍ଡ ରେ ବାରବାଟୀ ସରକାରୀ ବାଳିକା ବିଦ୍ୟାଳୟ ଠାରୁ ମାତ୍ର ୨୫ ମିଟର ଦୂରରେ ବାଘାଯତିନ କଲ୍ୟାଣ ମଣ୍ଡପ ରେ ବାହାଘର , ବ୍ରତଘର , ସୁଧଘର , ଅନ୍ନପ୍ରସନ୍ନ ପାଇଁ ଶୁଭ ଦେବ ଏହା ନୀତି ବିରୁଦ୍ଧ କାରଣ ହାଇକୋର୍ଟ , ସୁପ୍ରିମ କୋର୍ଟ ର ନିୟମ ହେଉଛି ୨୦୦ ମିଟର ଦୂରରେ କଲ୍ୟାଣ ମଣ୍ଡପ ହେବ । ତେଣୁ ବାଳିକା ବିଦ୍ୟାଳୟ ନିକଟରେ ହୋଇଥିବାରୁ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ବାହାଘର , ବ୍ରତଘର ପ୍ରୋସେସନ ସମୟରେ ମଦ ପିଇ ବରଯାତ୍ରୀ କୌଣସି ଅଘଟଣ ଘଟାନ୍ତି ତାହାହେଲେ କିଏ ଦାୟୀ ରହିବେ ବୋଲି ମତ ରଖିଥିଲେ । ତେଣୁ ଦୁର୍ନୀତି ସଂଘର୍ଷ ମଞ୍ଚ ସରକାରଙ୍କୁ କିପରି ସଚେତନ କରିବା ବୈଠକ ରେ ନିଷ୍ପତି ହେବ ସଙ୍ଗେ ସଙ୍ଗେ ଏହାକୁ ଦୃଢ଼ ନିନ୍ଦା କରିଥିଲେ । ବାଲେଶ୍ୱର ଶାଖା ଦୁର୍ନୀତି ସଂଘର୍ଷ ମଞ୍ଚ ବାର୍ଷିକ ଉତ୍ସବ ୨୮/୧୨/୨୦୨୫ ରେ ହେବ ତାହା ପୂର୍ବରୁ ପ୍ରସ୍ତୁତି ବୈଠକ ୮/୧୨/୨୦୨୫ ରେ ହେବ ବୋଲି ସ୍ଥିର ହୋଇଥିଲା । ଏହାକୁ ଦୁର୍ନୀତି ସଂଘର୍ଷ ମଞ୍ଚ ର ସମସ୍ତ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ ।

# ପୁରୀ ପୁଲିସ ଦ୍ୱାରା ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ମାରାଥନ ଦୌଡ଼ ଆୟୋଜିତ

ପୁରୀ, ୩୧/୧୦ (ନି.ପ୍ର): ସର୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଓ ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ପୁରୀ ପୁଲିସ ଦ୍ୱାରା ଏକ ମାରାଥନ ଦୌଡ଼ ଆୟୋଜିତ ହୋଇଯାଇଛି । ଏହି ମାରାଥନ ଗୁରୁବାର ସକାଳ ୭ଟାରେ ଦିଗବରେଣୀ ଛକରୁ ଆରମ୍ଭ ହୋଇ ସମୁଦ୍ରତଟ ସଡ଼କରେ ଆୟୋଜିତ କରାଯାଇଥିଲା । ଏହି ମାରାଥନର ଉଦଘାଟନ ଏସପି ପୁରୀ ପ୍ରତୀକ ସିଂହ କରିଥିଲେ । ଶ୍ରୀ ସିଂହ ନିଜ ଉଦବୋଧନରେ କହିଥିଲେ ଯେ, ସର୍ଦାର ବଲ୍ଲଭଭାଇ ପଟେଲ ଭାରତର ଏକତା ଓ ଅଖଣ୍ଡତାର ପ୍ରତୀକ ଥିଲେ ଏବଂ ତାଙ୍କ ଜୀବନ ଓ ତ୍ୟାଗ ଆଜି ମଧ ଆମ ସମସ୍ତଙ୍କ ପାଇଁ ପ୍ରେରଣା । ଏହି ମାରାଥନ ମାଧମରେ ଯୁବପିଢ଼ି ଓ ସାଧାରଣ ଜନତାଙ୍କ ମଧରେ ଏକତା, ଶିଷ୍ଟାଚାର ଓ ଶାରୀରିକ ସ୍ୱାସ୍ଥ୍ୟ ସଚେତନତା ବାଢ଼ିବା ହିଁ ମୁଖ୍ୟ ଉଦ୍ଦେଶ୍ୟ । ଏହି କାର୍ଯ୍ୟକ୍ରମରେ ୫୦୦ ରୁ ଅଧିକ ଅଂଶଗ୍ରହୀ ମାରାଥନରେ ସହଭାଗୀ ହୋଇ ଉତ୍ସାହ ପ୍ରକାଶ କରିଥିଲେ । ପୋଲିସ ବିଭାଗର ପୋଲିସ କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ନାଗରିକମାନେ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଏସପି ସୁଶିଲ କୁମାର ମିଶ୍ର, ଦେବ ପ୍ରତାପ ସଚିନ ପାଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଡିଏସପି (ସିଟି) ପ୍ରଶାନ୍ତ ସାହୁ, ଟ୍ରାଫିକ ଡିଏସପି ରାଜକୁମାର ପରିଡ଼ା, ଆଇ.ଆଇ.ସି ସିଂହଦ୍ୱାର ଶ୍ୱେତପଦ୍ମା ଦାଶ, ଆଇ.ଆଇ.ସି ଟାଉନ ଗୋକୁଲ ରଞ୍ଜନ ଦାସ, ଆଇ.ଆଇ.ସି ବାସେଲିସାହି ବିକ୍ରମ ଜେନା, ଆଇ.ଆଇ.ସି ଟ୍ରାଫିକ ଜୟଦୀପ ମହାନ୍ତି, ଆଇ.ଆଇ.ସି ବାଲିଆପଣ୍ଡା ସଙ୍ଗୀତା ଦାଶ, ଆଇ.ଆଇ.ସି ତଳବାଣିଆ ଗୀତାଞ୍ଜଳି ନାୟକ ଓ ଆର.ଆଇ ଚିତ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ । ମାରାଥନ ଶେଷରେ ତିନିଜଣ ବିଜେତାଙ୍କୁ ସମ୍ମାନିତ କରାଯାଇଛି, ଯେଉଁଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନାଧିକାରୀଙ୍କୁ ପ୍ରଶଂସାପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଗଲା । ଏହି ଅବସରରେ ସମସ୍ତ ଅଧିକାରୀ ଓ ସହଭାଗୀମାନେ ଏକତା ଓ ଜାତୀୟ ସଂଘଟନର ପ୍ରତି ସଂକଳ୍ପ ଗ୍ରହଣ କରିଥିଲେ । ପୁରୀ ପୁଲିସ ଦ୍ୱାରା ଏହି ଅଭିଯାନ ମାଧମରେ ଏକତା, ସୁସ୍ଥ ଜୀବନ ଓ ସକାରାତ୍ମକ ସନ୍ଦେଶ ପ୍ରଚାର ପାଇଁ ଏକ ସଫଳ ପଦକ୍ଷେପ ହୋଇଛି ।

# ପବିତ୍ର କାର୍ତ୍ତିକ ମାସରେ ଗୋ ପୂଜନ ଓ ଭାଗବତ କଥା

ମାଲକାନଗିରି, ୩୧/୧୦ (ନି.ପ୍ର): ଖଇରପୁଟ ବ୍ଲକ ଅର୍ନ୍ତଗତପରକନମାଳା ଗ୍ରାମପଂଚାୟତର ସିରିପେଟା ଗ୍ରାମରେ ଆଜି ଗୋପାଷ୍ଟମୀ ଉତ୍ସବ ଧୂମଧାମରେ ପାଳନ ହୋଇଯାଇଛି । ଏହି ଅବସରରେ ଗୋ - ସ୍ନାନ, ଗୋ - ପୂଜନ, ଗୋ ଗ୍ରାସ ସେବନ ଓ ନାମ ସଂକୀର୍ତନ ପ୍ରଭୃତି କାର୍ଯ୍ୟ ହୋଇଥିଲା । କାର୍ଯ୍ୟକ୍ରମ କୁ ଗୋ ସୁରକ୍ଷା ମଂଚର ସଭାପତି ରାମକୃଷ୍ଣ ଚୌଧୁରୀ ମନ୍ତ୍ର ଓ ଶ୍ଳୋକ ପଠନ କରି ତ୍ୱରାନ୍ୱିତ କରିଥିଲା ବେଳେ ମନ୍ଦିର ସଭାପତି ସନାତନ ମାଢୀ, ସମ୍ୟନ୍ଧ ମାଢୀ, ଭଗବାନ ସାହୁ ଓ ରମେଶ ଚନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ବାପନପାଲ୍ଲି ଗ୍ରାମରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଶ୍ରୀ ମହନ୍ତ ସୁଦର୍ଶନ ଦାସ ମହାରାଜ, ମହନ୍ତ ବ୍ରଜବନ୍ଧୁ ଦାସ ମହାରାଜ ଓ ସନ୍ଥ ହୃଦାନନ୍ଦ ଦାସଙ୍କ ଭାଗବତ କଥାମୃତ ସେବନ ସମସ୍ତ ଭକ୍ତଜନଙ୍କୁ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହନ୍ତ ବ୍ରହ୍ମାନନ୍ଦ ଦାସ, ସେବକ ଦୟଣା ଶ୍ରୀକ୍ଷେତ୍ର, ସିରିପେଟା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜମଧର ପଂଚାୟତରେ ବେଆଇନ ରସ୍ତା ନିର୍ମାଣକୁ ବିରୋଧ

କେନ୍ଦ୍ରାପଡା, ୩୧/୧୦ (ନି.ପ୍ର): ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ସର୍ବସାଧାରଣ ସ୍ଥାନ ଇତ୍ୟାଦି ମାନଙ୍କରେ ୧୦୦ ମିଟର ପରିସର ମଧ୍ୟରେ ବିକ୍ରୟ ଉପରେ ବାରଣ ରହିଛି । ଏହି ପରିପ୍ରେକ୍ଷୀରେ ପ୍ରଶାସନ ତରଫରୁ ଗଠିତ ମିଳିତ ଟିମ ଆଜି ସହରର ତିନିମୁହାଣୀ ଛକ ନିକଟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଂଚଳରେ ବିଭିନ୍ନ ଦୋକାନ ଉପରେ ଚଢାଉ କରି ମୋଟ ୧୩ ଟି ଦୋକାନରୁ ୨୪ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ମିଳିତ ଟିମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଚରଣ ଗିରି, ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରିତିଶ ଦାସ, ଡ୍ରଗ ଇନିସପେକଟର ସୁକାନ୍ତ ସାହୁ, ଆସିଷ୍ଟାଂଟ ମ୍ୟାନେଜର ଏନସିଡି ଶ୍ୟାମ ସୁନ୍ଦର ବିଶ୍ୱାଳ ସମେତ ପୋଲିସ, ଅବକାରୀ ଟିମ ସାମିଲ ଥିଲେ ।ବେଆଇନ ରାସ୍ତା ନିର୍ମାଣ କୁ ବିରୋଧ କରି ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କେନ୍ଦ୍ରାପଡା ଜମଧର ପଂଚାୟତ ବଡଗାଁର ଲୋକେ । ଜମଧର ପଂଚାୟତ ୧୮ ନମ୍ବର ୱାର୍ଡ ବଡ ଗାଁରେ ଏକ କଙ୍କ୍ରିଟ୍ ସଡକ ନିର୍ମାଣ ପାଇଁ ‘ବିକଶିତ ଓଡିଶା ବିକଶିତ ଗାଁ‘ ଯୋଜନାରେ ୪ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହି କଙ୍କ୍ରିଟ୍ ରାସ୍ତାଟି ବଡଗାଁ ଅଙ୍ଗନବାଡି-୨, ପଣ୍ଟୁଆ ଗାଁର ସେଠି ସାହି, ମୁସଲମାନ୍ ସାହି ଓ ଇଡିଆଳି ସ୍କୁଲ କୁ ସଂଯୋଗ କରୁଛି । ଏହାଦ୍ୱାରା ପ୍ରାୟ ୮ ଶହରୁ ଅଧିକ ଲୋକ ଉପକୃତ ହେବେ । ତେବେ କାର୍ଯ୍ୟାଦେଶ ବାହାରିବା ର କିଛିଦିନ ପରେ ହଠାତ୍ ପ୍ରକଳ୍ପ ଟି ଅନ୍ୟତ୍ର ସ୍ଥାନାନ୍ତର ହୋଇ ଯାଇଥିଲା । ଗ୍ରାମବାସୀ ଖବର୍ ନେବାରୁ ଏହା ଜଂଟିଲୋ ଗାଁର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ନିର୍ମାଣ ହେବ ବୋଲି ଜଣାପଡ଼ିଥିଲା । ଖାଲି ସେତିକି ନୁହେଁ ଏହି ରାସ୍ତା ଟି ଜଳସେଚନ ବିଭାଗ ଜମି ଉପରେ ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାଦ୍ୱାରା ଶତାଧିକ ଲୋକ ଉପକୃତ ହେବା ବଦଳରେ ଜଣେ ବ୍ୟକ୍ତି ବା ଗୋଟିଏ ପରିବାର ଉପକୃତ ହେବା ଘଟଣା ଜଣାପଡିବା ପରେ ବଡ଼ଗାଁ ର ଲୋକ ମାନେ ଏହାର ପ୍ରତିବାଦ କରିବା ସହ ସରପଂଚ ରାଜକିଶୋର ଖୁଂଟିଆଙ୍କ ନେତୃତ୍ୱରେ ଆଜି ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଆଜି ଜିଲାପାଳ ଅନୁପସ୍ଥିତ ଥିବା ରୁ ଗ୍ରାମବାସୀ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ । ଏହି ରାସ୍ତା ନିର୍ମାଣ ହେଲେ ଏହାର ବିରୋଧ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।

# ଫୁଲବାଣୀରେ ଜିଲ୍ଲା ସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ପାଳନ

କନ୍ଧମାଳ, ୩୧/୧୦ (ନି.ପ୍ର): ବିଶ୍ୱ ମିତ୍ବ୍ୟୟିତା ଦିବସ ପାଳନ ଅବସରରେ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଠାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ ଯୋଗଦେଇ ସଂଚୟ କରିବା ନିମନ୍ତେ ଜନସାଧରରଣଙ୍କୁ ପ୍ରେରିତ କରିଥିଲେ ଏବଂ ସଂଚୟ ପକ୍ଷ ପାଳନ ନିମନ୍ତେ ହୋଇଥିବା ବକ୍ତୃତା ପ୍ରତିଯୋଗିତା କୃତକାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ସର୍ବାଧିକ ସ୍ୱଳ୍ପ ସଂଚୟ ସଂଗ୍ରହ କରିଥିବା ଅଭିକର୍ତା ଶ୍ରୀମତୀ ବବିତା ପତି, ବି ସନ୍ତୋଷ ପାତ୍ର ଏବଂ ଶ୍ରୀମତୀ କଳ୍ପନା କୁମାରୀ ପାତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ ମଧ ହୋଇଥିଲେ । ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଫୁଲବାଣୀ ନରେନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୁତି ଭୂଷଣ ମହାପାତ୍ର ସାଇବର୍ ସୁରକ୍ଷା ନିରିକ୍ଷକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ସୌମ୍ୟ ରଞ୍ଜନ ପାତ୍ର ମଧ ଏହି ବୈଠକରେ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ପରିଚାଳକ ସିଦ୍ଧାର୍ଥ ପତି, ଡାକ ଅଧିକ୍ଷକ ରାଜକିଶୋର ମହାରଣା ସଂଚୟର ଆବଶ୍ୟକତା ଓ ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ବିଷୟରେ ଅବଗତ କରାଇଥିଲେ । ଏହା ପରେ ଏକ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ହୋଇଥିଲା ଏବଂ ସ୍ରୋତା ମାନଙ୍କ ଭିତରୁ ସଠିକ ଉତର ଦେଇଥିବା ପ୍ରାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ବୈଠକଟି ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ବିଜୟ ଚନ୍ଦ୍ର ପାଳ ପରିଚାଳନା କରିଥିଲେ । ବୈଠକରେ ଜିଲ୍ଲାପାଳ, ଉପ ଜିଲ୍ଲାପାଳ , ସଦର ବ୍ଲକ, ତହସିଲ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟର କର୍ମଚାରୀ ଓ ସ୍ୱଳ୍ପ ସଂଚୟ ଅଭିକର୍ତାମାନେ ଯୋଗ ଦେଇଥିଲେ ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, MAYURBHANJ
Tel No. (06792)260788, e-Mail ID mi.mayurbhanj@yahoo.co.in
"e" Procurement Notice
No. 3751 Dated 27.10.2025
Identification No-S.E.M.I.D. MBJ.No.- 12/MID, MBJ/2025-26
......

The Superintending Engineer, M.I. Division, Mayurbhanj on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1 | Name of works | Civil Construction works as mentioned in the web site |
| 2 | Total No. of work | 1 no |
| 3 | Tender amount | 22.15 Lakh (Detail of work Annexed) |
| 4 | Class of Contractor | As Mentioned against Work. |
| 5 | Period of Completion | As Mentioned against Work. |
| 6 | Date & time of Availability of Bid Document in the Portal | 30.10.2025 at 10.00 AM to 13.11.2025 up to 5.00 P.M. |
| 7 | Last date/ Time for receipt of Bids in the Portal | 13.11.2025 up to 5.00 P.M. |
| 8 | Date /Time of Opening of Technical Bid | 14.11.2025 at 11.00 A.M. |
| 9 | Name and Address of the Officer Inviting the Bid | Superintending Engineer, M.I. Division, Mayurbhanj |
| 10 | Mode of Payment of Bid Cost | Online |
| 11 | Further details can be seen from the "e" Procurement Portal "https://tendersorissa.gov.in" | |

OIPR: 32041/11/0020/2526

Superintending Engineer
Minor Irrigation Division, Mayurbhanj


# ମୋତିଗଞ୍ଜ ବିପଣି ଉନ୍ନୟନ କମିଟିର ଦ୍ୱାଦଶ ରକ୍ତଦାନ ଶିବିର ମହାସମାରୋହରେ ପାଳିତ

ବାଲେଶ୍ୱର , ୩୧/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମୋତିଗଞ୍ଜ ବିପଣି ଉନ୍ନୟନ କମିଟି ର ଦ୍ୱାଦଶ ରକ୍ତଦାନ ଶିବିର ସଭାପତି ଅଜୟ କୁମାର ବିଶ୍ୱାଳ ଅଧକ୍ଷତାରେ ପାଳିତ ହୋଇଯାଇଛି । ରକ୍ତଦାନ ଶିବିର କୁ ମୁଖ୍ୟ ଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଫିତା କାଟି ଉଦଘାଟନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ସମୟର ସମ୍ପାଦକ ରଞ୍ଜନ କୁମାର ବାଗ ସମ୍ମାନୀୟ ଅତିଥି ବିଜେପିର ଯୁବନେତା ଗୌରାଙ୍ଗ ଦାସ ଯୋଗ ଦେଇ ଥିଲେ । ବିପଣି ଉନ୍ନୟନ କମିଟିର ଶ୍ରୀଯୁକ୍ତ ଚନ୍ଦନ କୁମାର ଭୂୟାଁ , ଅରୁଣ କୁମାର ଦାସ , କରୁଣ କର ପଣ୍ଡା , ମୁଖ୍ୟ ଭୂମିକା ଗ୍ରହଣ କରି ଥିଲେ । ମୁଖ୍ୟ ଅତିଥି ମାନସ କୁମାର ଦତ୍ତ ତାଙ୍କ ବକ୍ତବ୍ୟରେ କହିଥିଲେ ରକ୍ତଦାନ ମହାପୁଣ୍ୟ ତେଣୁ ଯେଉଁ ମାନେ ରକ୍ତଦାନ କରୁଛନ୍ତି ସେମାନଙ୍କ ରକ୍ତ ଯୋଗୁଁ ଲୋକେ ଜୀବନ ମୃତ୍ୟୁ ମୁଖରୁ ବଞ୍ଚିପାରିବ ତେଣୁ ମୋତିଗଞ୍ଜ ବିପଣି ଉନ୍ନୟନ କମିଟି ଏଭଳି ଆୟୋଜନ କରିଥିବାରୁ ଧନ୍ୟବାଦ ଦେଇଥିଲେ । ସଭାପତି ଅଜୟ କୁମାର ବିଶ୍ୱାଳ ବକ୍ତବ୍ୟ ରେ କହିଥିଲେ ଯେ ମୋତିଗଞ୍ଜ ବିପଣି ଉନ୍ନୟନ କମିଟି ର ପ୍ରତ୍ୟେକ ସଭ୍ୟ ସହଯୋଗ ସହାନୁଭୂତି କରୁଥିବାରୁ ରକ୍ତ ଦାନ ଶିବିର ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ସଫଳ ହେଇଛି ।ଏପରିକି ୯୦ ରୁ ୧୦୦ ୟୁନିଟ ରକ୍ତ ସଂଗ୍ରହ ହେବ ବୋଲି କହିଥିଲେ । ଅନ୍ୟ ସମ୍ମାନୀୟ ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେଉଁମାନେ ରକ୍ତ ଦାନ କରୁଛନ୍ତି ସେମାନଙ୍କୁ ଧନ୍ୟବାଦ୍ ଦେଇଥିଲେ । କାରଣ ଏହାଦ୍ୱାରା ରକ୍ତ ଅଭାବ ଦୂର ହୋଇପାରିବ ଶେଷରେ ଶ୍ରୀଯୁକ୍ତ ଚନ୍ଦନ କୁମାର ଭୂୟାଁ କମିଟିର ସମସ୍ତ ସଭ୍ୟ ଓ ରକ୍ତଦାତାଙ୍କୁ ଧନ୍ୟବାଦ୍ ଦେଇଥିଲେ । ଗୋପୀନାଥ ଖଟୁଆ , ଶରତ ଚନ୍ଦ୍ର ନାୟକ , ଭାଗିରଥି ବେହେରା , ହରେକୃଷ୍ଣ ଦାସ , କମଳା କାନ୍ତ ନାୟକ, ପଦ୍ମ ଲୋଚନ ଦାସ , ରବୀନ୍ଦ୍ର ମାଝୀ ,କାର୍ତ୍ତିକ ଓଝା , ସୂର୍ଯ୍ୟ କାନ୍ତ ପ୍ରଧାନ , ମହେଶ୍ୱର ଜେନା , ମନ୍ମଥ ମାଝୀ , ଗଙ୍ଗାଧର ଖଟୁଆ , ଦେବେନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର , ୩୧/୧୦ (ନି.ପ୍ର): ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ ପାଇଁ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁଙ୍କ ଅଧକ୍ଷତାରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଙ୍କ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି କମିଟି ବୈଠକରେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର, ବରିଷ୍ଠ ଚିକିତ୍ସା ଅଧିକାରୀବୃନ୍ଦ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ, ସମସ୍ତ ପଂଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୃନ୍ଦ ସୁବର୍ଣ୍ଣପୁର ଜିଲ୍ଲାର ବୁଦ୍ଧିଜୀବୀ, ଜନସାଧାରଣ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ଶନିବାର, ୦୧ ନଭେମ୍ବର ୨୦୨୫

# ଏହି ବ୍ୟକ୍ତି ଭୁଲରେ ଖାଆନ୍ତୁ ନାହିଁ ପିଜୁଳି: ପ୍ରଭାବିତ ହୋଇପାରେ ସ୍ୱାସ୍ଥ୍ୟ

**ପିଜୁଳି ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି ବିଚାର କରାଯାଏ । ବିଶେଷକରି ପେଟର ହଜମ ଶକ୍ତି ବଢାଇବା ପାଇଁ କଦଳୀ ସହିତ ପିଜୁଳି ଖାଇବାକୁ ପରାମର୍ଶ ଦିଆଯାଏ । ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦ୍ରୁତ ଗତିରେ ବଢିଯାଏ । କିନ୍ତୁ କିଛି ଲୋକ ଏପରି ଅଛନ୍ତି ଯେଉଁମାନେ ଭୁଲରେ ପିଜୁଳି ଖାଇବା ଉଚିତ୍ ନୁହେଁ । ଏହା କରିବା ଦ୍ୱାରା ସେମାନେ ଅସୁସ୍ଥ ହୋଇପାରନ୍ତି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିପାରେ । ଆସନ୍ତୁ ଜାଣିବା କେଉଁ ଲୋକମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।**

### ଏହି ରୋଗର ରୋଗୀମାନେ ପିଜୁଳି ଖାଇବା ଉଚିତ୍ ନୁହେଁ:

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହାର କାରଣ ହେଉଛି ପିଜୁଳି ଥଣ୍ଡା ପରିମାଣ ଥାଏ, ଯେଉଁ କାରଣରୁ ଗର୍ଭବତୀ ଏବଂ ନବଜାତ ଶିଶୁର ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଥଣ୍ଡା ଏବଂ ଥଣ୍ଡା ରୋଗରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏକ୍ଜିମାରେ ପୀଡିତ ଲୋକମାନେ ମଧ୍ୟ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ଏହା କରିବା ଦ୍ୱାରା ସେମାନଙ୍କୁ ଚର୍ମର ସମସ୍ୟାର ସାମ୍ନା କରିବାକୁ ପଡିପାରେ । ଏପରି ଲୋକମାନେ ଭୁଲରେ ମଧ୍ୟ ପିଜୁଳି ପତ୍ର ବ୍ୟବହାର କରିବା ଉଚିତ୍ ନୁହେଁ । ଏହା ଚର୍ମ ରୋଗର କାରଣ ହୋଇପାରେ ।



### ମଧୁମେହ ରୋଗୀମାନେ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍

ମଧୁମେହ ରୋଗୀମାନେ ପିଜୁଳି ଖାଇପାରିବେ, କିନ୍ତୁ ସେମାନେ ଏହାକୁ ଅତି କମ ମାତ୍ରାରେ ଖାଇବା ଉଚିତ୍ । ଏହାର କାରଣ ହେଉଛି ପିଜୁଳିରେ ମିଠା ଥାଏ, ଯାହା ମଧୁମେହ ସ୍ତରକୁ ବଢାଇପାରେ । ଆପଣ ଡାକ୍ତରଙ୍କ ପରାମର୍ଶ ପରେ ପିଜୁଳି ଖାଇପାରିବେ ।

### ଗ୍ୟାଷ୍ଟ୍ରୋ ରୋଗୀଙ୍କ ପାଇଁ ମଧ କ୍ଷତିକାରକ ପିଜୁଳି

ପେଟରେ ଏସିଡିଟି ସୃଷ୍ଟି ସମସ୍ୟା ସହ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ମଧ ପିଜୁଳି ଖାଇବା ଭଲ ନୁହେଁ । ଏହି କାରଣରୁ, ତାଙ୍କର ଗ୍ୟାଷ୍ଟ୍ରୋ ସମସ୍ୟା ଆହୁରି ବଢିଥାଏ । ଯଦି ଆପଣ ପେଟରେ କଷ୍ଟ ଅନୁଭବ କରୁଛନ୍ତି କିମ୍ବା ପିଜୁଳି ଖାଇବା ପରେ ବାନ୍ତି ଭଳି ଅନୁଭବ କରୁଛନ୍ତି, ତେବେ ଆପଣ ପିଜୁଳି ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।

# ଶୀତ ଦିନ କଦଳୀ ଖାଇବାର ଲାଭ ଓ କ୍ଷତି

**ଅଧିକାଂଶ ଲୋକ ଋତୁ ଅନୁସାରେ ଖାଦ୍ୟାଭ୍ୟାସ ରଖିଥାନ୍ତି । ଶୀତ ଋତୁ ଆସିଲାଣି ଯେହେତୁ ଆମ ଖାଦ୍ୟରେ ବି ଅନେକ ପରିବର୍ତ୍ତନ ହେବ । ଗ୍ରୀଷ୍ମ ଋତୁରେ ଲାଭଦାୟକ କିଛି ଖାଦ୍ୟ ଶୀତ ଋତୁରେ କ୍ଷତିକାରକ ହୋଇପାରେ । ଏପରି ଏକ ଫଳ ହେଉଛି କଦଳୀ । କଦଳୀ ବର୍ଷସାରା ସହଜରେ ଉପଲବ୍ଧ ଏବଂ ଏଥିରେ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଛି । ମାତ୍ର ଶୀତ ଋତୁରେ କଦଳୀ ଖାଇବା ଉଚିତ କି ? ନା ଏହାକୁ ଏଡ଼ାଇବା ଉଚିତ ? ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଅଛି, ତେବେ କଦଳୀ ଖାଇବା କ'ଣ ପ୍ରକୃତରେ କ୍ଷତିକାରକ ହୋଇପାରେ ? ଆସନ୍ତୁ ଏହି ପ୍ରଶ୍ନର ଉତ୍ତର ବିସ୍ତାରିତ ଜାଣିବା ।**

### ଶୀତ ଦିନେ କଦଳୀ ଖାଇବାର ଲାଭ

୧. ଶକ୍ତିର ଭଲ ଉତ୍ସ: କଦଳୀ କାର୍ବୋହାଇଡ୍ରେଟ୍ ଏବଂ ପ୍ରାକୃତିକ ଶର୍କରା (ଗ୍ଲୁକୋଜ୍, ଫ୍ରକ୍ଟୋଜ) ରେ ଭରପୂର, ଯାହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରେ । ଥଣ୍ଡାରେ ଶରୀର ଅଳସୁଆ ଅନୁଭବ କଲେ କଦଳୀ ଲାଭଦାୟକ ହୋଇପାରେ ।

୨. ହଜମରେ ସାହାଯ୍ୟ କରେ: କଦଳୀରେ ଥିବା ଫାଇବର ପରିମାଣ କୋଷ୍ଠକାଠିନ୍ୟ ଦୂର କରିବାରେ ସାହାଯ୍ୟ କରେ । ଶୀତ ଋତୁରେ ପାଚନ କ୍ରିୟା ଧୀର ହୋଇଯାଏ, ତେଣୁ କଦଳୀ ପେଟକୁ ସଫା ରଖିବାରେ ସାହାଯ୍ୟ କରେ ।

୩. ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ: କଦଳୀରେ ଭିଟାମିନ୍ ବି୬, ଭିଟାମିନ୍ ସି ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ । ଶୀତଦିନେ ରୋଗ ରୋକିବା ପାଇଁ ଏହା ଜରୁରୀ ।

୪. ରକ୍ତଚାପ ନିୟନ୍ତ୍ରଣ କରେ: କଦଳୀ ପୋଟାସିୟମର ଏକ ଭଲ ଉତ୍ସ, ଯାହା ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଥଣ୍ଡା ପାଗ ରକ୍ତଚାପ ବୃଦ୍ଧି କରିପାରେ, ତେଣୁ ଏପରି ପରିସ୍ଥିତିରେ କଦଳୀ ଲାଭଦାୟକ ହୋଇପାରେ ।



### ଶୀତଦିନେ କଦଳୀ ଖାଇବାର କ୍ଷତି

୧. କଦଳୀ ଥଣ୍ଡା ରୋଗୁ ଆମନ୍ତ୍ରଣ କରେ । ଶରୀରକୁ ଥଣ୍ଡା କରିଥାଏ । ଯଦି ଆପଣ ପୂର୍ବରୁ ଥଣ୍ଡାରେ ପୀଡିତ, ତେବେ କଦଳୀ ଖାଇବା ଦ୍ୱାରା ଶାରୀରିକ ସମସ୍ୟାକୁ ଆହୁରି ଖରାପ କରିପାରେ ।

୨. କଦଳୀକୁ କଫ ଉତ୍ପାଦନକାରୀ ଫଳ ଭାବରେ ବିବେଚନା କରାଯାଏ । ଶୀତଦିନେ ଏହା କଫ ବୃଦ୍ଧି କରିପାରେ, ଯାହା ଗଳା ଯନ୍ତ୍ରଣା କିମ୍ବା କାଶ ସୃଷ୍ଟି କରେ ।

# କାର୍ଯ୍ୟଦକ୍ଷତା ହ୍ରାସ କରେ ବ୍ୟବହାର



ନିଜର ଆଚାର ବ୍ୟବହାର ଉପରେ ନିଜ କାର୍ଯ୍ୟଦକ୍ଷତା ଅନେକାଂଶରେ ନିର୍ଭର କରିଥାଏ । ହୁଏତ କେତେକ କହିପାରନ୍ତି ସେ କାର୍ଯ୍ୟଦକ୍ଷତା ନିଜ ସାମର୍ଥ୍ୟ ଏବଂ ଦକ୍ଷତା ଉପରେ ନିର୍ଭ କରେ । କିନ୍ତୁ ନିଜ ବ୍ୟବହାର କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ପ୍ରକାଶ କରିଛନ୍ତି ଇଂଲର୍ଡର ମନୋବିଜ୍ଞାନୀମାନେ । କାର୍ଯ୍ୟ କରିବା ସମୟରେ କାହାର ବ୍ୟବହାର କିପରି ରହୁଛି ଏବଂ ତାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହା ଅନୁଧ୍ୟାନ କରାଯାଇଥିଲା । କାମ କରିବା ସମୟରେ କେତେକଙ୍କର ସ୍ୱାଭାବ ଚିଡ଼ିଚିଡ଼ା ହୋଇଥାଏ । ଏହାଦ୍ୱାରା ସେମାନଙ୍କ ମାନସିକ ସ୍ଥିତି ସ୍ଥିର ରହିନଥାଏ । ତେଣୁ ଏଭଳି ପରିସ୍ଥିତିରେ କାମକୁ ଠିକ୍ ଭାବରେ କରିବା ସମ୍ଭବ ହୋଇନଥାଏ । କାମ କରିବା ସମୟରେ ଟେନସନ କିମ୍ବା କିଛି କାରଣରୁ କେତେଜଣଙ୍କର ମାନସିକତାରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ । ଏହାଦ୍ୱାରା ସେମାନଙ୍କ ବ୍ୟବହାର ମଧ ପ୍ରଭାବିତ ହୋଇଥାଏ । ଫଳରେ ସେମାନେ ଠିକ୍ ଭାବରେ କାମଟିକୁ କରିପାରି ନଥାନ୍ତି । ତେଣୁ କାମ କରିବା ସମୟରେ ନିଜ ବ୍ୟବହାର ସମ୍ପର୍କରେ ସଚେତନ ରହିବା ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

# ଶୀତ ଦିନିଆ ଫଳ: ଶରୀର ପାଇଁ କେତେ ଲାଭଦାୟକ ପାଣି ସିଙ୍ଗଡ଼ା ? ଜାଣନ୍ତୁ...

ଶୀତଦିନ ଆସିଲେ ଖାଲି ଫୁଲ ନୁହେଁ ବିଭିନ୍ନ ପ୍ରକାରର ଫଳ ବଜାରରେ ଉପଲବ୍ଧ ହୁଏ । ଏହି ଦିନରେ ବଜାରରେ ବିଭିନ୍ନ କିସମର ଫଳର ଚାହିଦା ବଢ଼େ । ଯାହାକୁ ସିଜନାଲ୍ ଫ୍ରୁଟ୍ କୁହାଯାଏ । ବର୍ଷସାରା ଶୀତଳ ଭଣ୍ଡାରରେ ଫଳ ରହୁଥିଲେ ହେଁ ଶୀତରେ ତଟକା ମିଠା ଫଳ ବାହାରେ । ତେବେ ଆପଣ ରାସ୍ତାରେ ଯିବା ବେଳେ କିମ୍ବା ବଜାରରେ ପାଣି ଫଳ ବା ପାଣି ସିଙ୍ଗଡା ଦେଖିଥିବେ । କେବେ ଖାଇଛନ୍ତି କି ଏହି ଫଳ ? କେମିତି ଲାଗେ କେବେ ଚାଖିଛନ୍ତି କି ? ଏହି ଫଳ ଆମ ଶରୀର ପାଇଁ କେତେ ଲାଭଦାୟକ ଜାଣନ୍ତି କି ? ଯଦି ଜାଣି ନାହାନ୍ତି ତେବେ ଜାଣନ୍ତୁ...



ପାଣି ସିଙ୍ଗଡ଼ାରେ ଥିବା ପ୍ରୋଟିନ୍ , ଫାଇବର୍ , ପୋଟାସିୟମ୍ ଏବଂ ଭିଟାମିନ୍ ବି-୬ ଭଳି ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭକାରୀ । ଯାହା ନିୟମିତ ଖାଇବା ଦ୍ୱାରା ଶରୀରରେ ପାଣିର ଅଭାବ ଦୂର ହେବା ସହ ଓଜନ କମିବା ଏବଂ ଥାଇରଏଡ୍ ଭଳି ସମସ୍ୟାରୁ ମଧ ମୁକ୍ତି ମିଳେ ।

ପାଣି ସିଙ୍ଗଡା- ଶରୀରକୁ ଦିଏ କେଉଁ ଫାଇଦା ?

ଥାଇରଏଡ୍: ପାଣି ସିଙ୍ଗଡ଼ାରେ ଥିବା ଆୟୋଡିନ୍ ଥାଇରଏଡ୍ ସମସ୍ୟା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଏହି ଫଳରେ ଥିବା ଆୟୋଡ଼ିନ୍ ଗଳା ସମ୍ବନ୍ଧୀୟ ରୋଗ ପାଇଁ ମଧ ଭଲ ହୋଇଥାଏ । ଆପଣ ଯଦି ଥାଇରଏଡ୍ ସମସ୍ୟା ପାଇଁ ବ୍ୟତିବ୍ୟସ୍ତ ହେଉଛନ୍ତି ତାହେଲେ ଡାକ୍ତରଙ୍କ ପରାମର୍ଶ ନେଇ ପାଣି ସିଙ୍ଗଡ଼ାକୁ ଖାଇପାରିବେ ।

ଡିହାଇଡ୍ରେସନ୍: ପାଣି ସିଙ୍ଗଡ଼ାରେ ପ୍ରଚୁର ପରିମାଣରେ ପାଣି ମହଜୁଦ୍ ହୋଇଥାଏ । ଏହାର ସେବନ ଦ୍ୱାରା ଶରୀରରେ ଡିହାଇଡ୍ରେସନର ସମସ୍ୟା ଦୂର ହୋଇଥାଏ ।

ସୁସ୍ଥ କେଶ ପାଇଁ ଲାଭକାରୀ: ନିୟମିତ ପାଣି ସିଙ୍ଗଡ଼ା ଖାଇବା ଦ୍ୱାରା ଚୁଟି ଝଡ଼ିବା ସମସ୍ୟା କମ୍ ହୁଏ । ଏଥିରେ ଥିବା ଲରିକ୍ ଏସିଡ୍ ଚୁଟିକୁ ମଜବୁତ ରଖିବାରେ ସହାୟକ ହୋଇଥାଏ ।

ଓଜନ କମାଏ: ଯଦି ଆପଣ ନିଜ ବଢୁଥିବା ଓଜନକୁ ନେଇ ଚିନ୍ତିତ ତାହେଲେ ନିୟମିତ ପାଣି ସିଙ୍ଗଡ଼ା ଖାଇବା ଆରମ୍ଭ କରନ୍ତୁ । ଏହି ଫଳରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥିବାରୁ ଏହା ପେଟ କମାଇବାରେ ସହାୟକ ହୁଏ । ଏହି ଫଳକୁ ବ୍ରେକଫାଷ୍ଟରେ ସାମିଲ୍ କରିବା ନିହାତି ଆବଶ୍ୟକ ।

କେଉଁମାନଙ୍କୁ ପାଣି ସିଙ୍ଗଡ଼ା ମନା ? ମଧୁମେହ ରୋଗୀଙ୍କୁ ପାଣି ସିଙ୍ଗଡ଼ା ଖାଇବା ମନା । ଗ୍ୟାସ୍ ସମସ୍ୟା ଥିଲେ କିମ୍ବା ଏସିଡିଟି ଥିବା ଲୋକଙ୍କୁ ପାଣି ସିଙ୍ଗଡ଼ା ମନା । ଆଲର୍ଜି ଥିଲେ ଏବା ଆଦୌ ଖାଆନ୍ତୁନି ।

# ମହାଦେବଙ୍କ ପ୍ରିୟ ପୁଷ୍ପ

**ହିନ୍ଦୁ ଧର୍ମରେ ପ୍ରତ୍ୟେକ ଶୁଭ କାମ, ପୂଜାପାଠରେ ଫୁଲ ବ୍ୟବହାର କରାଯାଏ । ବିଭିନ୍ନ ଦେବଦେବୀଙ୍କୁ ଭିନ୍ନ ଭିନ୍ନ ପୁଷ୍ପ ଅର୍ପଣ କରାଯାଏ । ଏହିକ୍ରମରେ ମହାଦେବଙ୍କୁ କେଉଁ ଫୁଲ ଅର୍ପଣ କଲେ ଶୁଭଫଳ ମିଳିଥାଏ ଆସନ୍ତୁ ଜାଣିବା ।**



<u>*ଦୁଦୁରା:*</u> ଶିବଲିଙ୍ଗରେ ନିୟମିତ ଦୁଦୁରା ଫୁଲ ସହ ବେଲପତ୍ର ଓ ଦୂବ ଅର୍ପଣ କଲେ ଧନପ୍ରାପ୍ତି ହୋଇଥାଏ । ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ମହାଦେବଙ୍କୁ ଏହି ଫୁଲ ଅର୍ପଣ କଲେ ମନୋକାମନା ପୂର୍ଣ୍ଣ ହୋଇଥାଏ ।

<u>*ଅରଖ:*</u> ଅରଖ ଫୁଲ ଅର୍ପଣ କରିବା ଦ୍ୱାରା କର୍ମ କ୍ଷେତ୍ରରେ ସଫଳତା ମଳିବା ସହ, ଆର୍ଥିକ ଉନ୍ନତି ଘଟିଥାଏ । ବିଦ୍ୟାର୍ଥୀମାନେ ଶିବଲିଙ୍ଗରେ ଅରଖ ଫୁଲ ଅର୍ପଣ କଲେ ବିଦ୍ୟା କ୍ଷେତ୍ରରେ ଉନ୍ନତି ହୋଇଥାଏ । ଯେଉଁ ବ୍ୟକ୍ତି ନିୟମିତ ଅରଖ ଫୁଲ ଅର୍ପଣ କରେ, ତା'ର ମୃତ୍ୟୁପରେ ତାକୁ ଶିବଲୋକ ପ୍ରାପ୍ତ ହୋଇଥାଏ ବୋଲି କୁହାଯାଏ ।

<u>*କନିଅର:*</u> ଏହି ଫୁଲ ଭଗବାନ ଶିବଙ୍କର ଖୁବ ପ୍ରିୟ ଅଟେ । ଏହାକୁ ନିୟମିତ ଅର୍ପଣ କଲେ ନିଜ ଇଚ୍ଛା ଅନୁଯାୟୀ ଭଲ ଜୀବନ ସାଥୀ ପ୍ରାପ୍ତି ହୋଇଥାଏ । ଶିବପୁରାଣରେ ଏହି ଫୁଲର ବିଶେଷତ୍ୱ ବର୍ଣ୍ଣନା କରାଯାଇଛି । ଶାସ୍ତ୍ରରେ କୁହାଯାଇଛି ଯେ, ଏକଲକ୍ଷ କନିଅର ଫୁଲ ଶିବଙ୍କୁ ଅର୍ପଣକଲେ ସମସ୍ତ ରୋଗ ଓ ଶୋକ ନାଶ ହୋଇଥାଏ ।

<u>*ଅଗସ୍ତି:*</u> ଏହାକୁ ଅର୍ପଣ କଲେ ସମାଜରେ ମାନସମ୍ମାନ ଓ ଖ୍ୟାତି ପ୍ରାପ୍ତି ହୋଇଥାଏ । ଯେଉଁ ବ୍ୟକ୍ତି ଅଗସ୍ତି ଫୁଲ ମହାଦେବଙ୍କୁ ଅପର୍ଣ କରେ, ସେ ଶ୍ରୀହରିଙ୍କ ମଧ ପ୍ରିୟ ହୋଇଥାଏ ।

<u>*ସେଫାଳି:*</u> ଭଗବାନ ଶିବଙ୍କୁ ସେଫାଳି ଅର୍ପଣ କଲେ ମାନସିକ ଶାନ୍ତି ମିଳିବା ସହ ଜୀବନରେ ଥିବା ସମସ୍ତ କଷ୍ଟ ଦୂର ହୋଇଥାଏ । ମହାଦେବଙ୍କୁ ଏହି ଫୁଲ ଅତ୍ୟନ୍ତ ପ୍ରିୟ, ତେଣୁ ଏହାକୁ ଅର୍ପଣ କଲେ ମୋକ୍ଷପ୍ରାପ୍ତି ହୋଇଥାଏ ।

# ଛେଳିଙ୍କ ବୟସ ଜାଣିବାର ସହଜ ଉପାୟ

**ଆମ ରାଜ୍ୟରେ କିଛି ଲୋକ ଛେଳିପାଳନ କରି ଗୁଜୁରାଣ ମେଣ୍ଟାନ୍ତି । ବେଳେ ବେଳେ ଚାଷୀ ଭାଇମାନେ ଛେଳିମାନଙ୍କର ବୟସ ସଠିକ୍ ଭାବରେ ନିରୂପଣ କରି ନ ପାରି ବୟସ୍କ ଛେଳି କିଣି ଠକାମିର ଶିକାର ହୋଇଥାଆନ୍ତି । ତେବେ ଛେଳି ପାଳନରେ ଲାଭ ପାଇବା ପାଇଁ ହେଲେ ଠିକ୍ ପ୍ରଜାତି ଓ କମ୍ ବୟସର ଛେଳି କିଣିବାର ଆବଶ୍ୟକତା ରହିଛି । ଛେଳିମାନଙ୍କର ବୟସ ଜାଣିବାର ଉପାୟ ଜଣାଥିଲେ ସାଧାରଣତଃ ଠିକ୍ ବୟସର ଛେଳି କିଣି ଛେଳି ଫାର୍ମରେ ଉନ୍ନତି ହୋଇପାରିବ ।**

<u>*କିପରି ଜାଣିବେ :*</u>

ଛେଳିମାନଙ୍କର ବୟସ ମୁଖ୍ୟତଃ ସେମାନଙ୍କର ତଳମାଢ଼ିର ଆଗଦାନ୍ତ ଇନ୍‌ସିଜ୍‌ର ଦାନ୍ତକୁ ବିଚାର କରି ଜଣାଯାଇଥାଏ । ଛେଳିମାନଙ୍କର ଜନ୍ମରୁ ଏକ ବର୍ଷ ବୟସ ମଧ୍ୟରେ ସେମାନଙ୍କର ତଳମାଢ଼ିରେ ଆଠଟି କିମ୍ବା ୪ଯୋଡ଼ା ଅସ୍ଥାୟୀ ଆଗଦାନ୍ତ ବା ଟେମ୍ପରାରି ଇନ୍‌ସିଜ୍‌ର ଦାନ୍ତ ଥାଏ । ଛେଳିର ବୟସ ଏକ ବର୍ଷ ବେଳକୁ ତଳମାଢ଼ିରେ ଥିବା ଏକ ଯୋଡ଼ା ବା ଦୁଇଟି ଅସ୍ଥାୟୀ ଆଗଦାନ୍ତ ବା ଟେମ୍ପରାରି ଇନ୍‌ସିଜ୍‌ର ଟିଥ୍ ସ୍ଥାୟୀ ବା ପରମାନେଣ୍ଟ ଇନ୍‌ସିଜ୍‌ର ଟିଥ୍‌କୁ ରୂପାନ୍ତରିତ ହୋଇଥାଏ । ସେହିପରି ଛେଳିର ଦୁଇବର୍ଷ ବୟସରେ ଦୁଇଯୋଡ଼ା ବା ଚାରୋଟି, ତିନିବର୍ଷ ବୟସରେ ତିନି ଯୋଡା ବା ୬ଟି ଏବଂ ଚାରିବର୍ଷ ବୟସରେ ୪ଯୋଡ଼ା ବା ଆଠୋଟି ସ୍ଥାୟୀ ଆଗଦାନ୍ତ ବା ପରମାନେଣ୍ଟ ଇନ୍‌ସିଜ୍‌ର ଟିଥ୍ ଦାନ୍ତ ବାହାରିଥାଏ । ସ୍ଥାୟୀ ଦାନ୍ତ ବା ପରମାନେଣ୍ଟ ଇନ୍‌ସିଜର ଟିଥ୍ ସାଧାରଣତଃ ଅସ୍ଥାୟୀ ଆଗଦାନ୍ତ ବା ଟେମ୍ପରାରି ଇନ୍‌ସିଜ୍‌ର ଟିଥ୍ ଠାରୁ ବଡ଼ ଏବଂ ଧଳା ଅଟେ । ଚାରିବର୍ଷ ବୟସରେ ଛେଳିମାନଙ୍କର ତଳମାଢ଼ିର ସମସ୍ତ ସ୍ଥାୟୀ ଦାନ୍ତ ସମ୍ପୂର୍ଣ୍ଣଭାବରେ ଉଠି ଯାଇଥାଏ । ତେଣୁ ଚାରିବର୍ଷରେ ଛେଳିମାନଙ୍କର ବୟସ୍କ ବା ପୂର୍ଣ୍ଣଦାନ୍ତ ଛେଳି ବୋଲି କୁହାଯାଇଥାଏ । ଚାରିବର୍ଷ ପରେ ଛେଳିମାନଙ୍କର ସ୍ଥାୟୀ ଆଗଦାନ୍ତ ଘୂରିବା, ଭାଙ୍ଗିବା ଓ ପଡ଼ିବା ଆରମ୍ଭ ହୋଇଥାଏ । ଚାରିବର୍ଷ ପରେ ଛେଳିମାନଙ୍କର ପ୍ରଜନନ କ୍ଷମତା, ଶାରୀରିକ ବୃଦ୍ଧି, ମାଂସ ଉତ୍ପାଦନ କ୍ଷମତା ଆଦି କମିବା ଆରମ୍ଭ ହୋଇଥାଏ । ତେଣୁ ଚାରିବର୍ଷ ପରେ ଛେଳିମାନଙ୍କୁ ଆଉ ନ ରଖି ବିକ୍ରି କରିଦେବା ଉଚିତ । ତେଣୁ ଏହିପରି ଛେଳିମାନଙ୍କର ଦାନ୍ତକୁ ବିଚାର କରି, ସେମାନଙ୍କର ବୟସ ନିରୂପଣ କରାଯାଇଥାଏ ।





# ଘରେ ବନାନ୍ତୁ ବଟର ଗାର୍ଲିକ୍ ମସ୍‌ରୁମ୍

ଆବଶ୍ୟକ ସାମଗ୍ରୀ: ଛତୁ: ୫୦୦ ଗ୍ରାମ, ରସୁଣ: ଗୋଟେ କୋଳା, କଟା ପିଆଜ: ଏକ କପ୍, ଓରେଗାନୋ: ଏକ ଚାମଚ, ହଳଦୀ: ଅଧା ଚାମଚ, ବଟର: ଦୁଇ ଚାମଚ, ଗୋଲମରିଚ: ଏକ ଚାମଚ, ଭିନେଗାର: ଏକ ଚାମଚ, ଲୁଣ: ଆବଶ୍ୟକ ଅନୁସାରେ, ଧନିଆପତ୍ର: ଅଳ୍ପ କିଛି, ରିଫାଇନ ତେଲ: ଆବଶ୍ୟକ ଅନୁସାରେ ।



ପ୍ରସ୍ତୁତ ପ୍ରଣାଳି: ପ୍ରଥମେ ଛତୁକୁ ଭଲ ଭାବେ ଧୋଇ ରଖନ୍ତୁ । ଏହା ପରେ ଚୂଲାରେ କଡ଼େଇ ବସାଇ ସେଥିରେ ବଟର ଓ ରିଫାଇନ୍ ତେଲ ଦିଅନ୍ତୁ । ସେଥିରେ ଛତୁ ପକାନ୍ତୁ ଏବଂ ତାହାକୁ ଭଲଭାବେ ଭାଜି ଅଲଗା ଏକ ପାତ୍ରରେ ରଖନ୍ତୁ । ସେହି କଡ଼େଇରେ କଟା ପିଆଜ, କଟା ରସୁଣ ପକାଇ ଭାଜନ୍ତୁ । ଏବେ ଏଥିରେ ଅଧା ଚାମଚ ଭିନେଗାର, ଗୋଲମରିଚ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ ଓ ଅଳ୍ପ ଓରେଗାନୋ ପକାଇ ଧିମା ଆଞ୍ଚରେ ଛତୁକୁ ଭାଜନ୍ତୁ । ଶେଷରେ ଧନିଆ ପତ୍ର ପକାଇ ଗରମ ଗରମ ପରଷନ୍ତୁ ବଟର ଗାର୍ଲିକ ମସ୍‌ରୁମ୍ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତରେ ଦାରିଦ୍ର୍ୟ ହ୍ରାସ: ସଂଖ୍ୟା ଯଥେଷ୍ଟ କି ?

ବିଶ୍ୱ ବ୍ୟାଙ୍କର ସଦ୍ୟତମ 'ଦାରିଦ୍ର୍ୟ ଓ ସମାନତା ସଂକ୍ଷିପ୍ତ' (Poverty & Equity Brief) ରିପୋର୍ଟ ଭାରତର ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତିର ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିଛି, ଯାହାକି ନିଶ୍ଚିତ ଭାବରେ ପ୍ରଶଂସନୀୟ। ତେବେ, କ୍ରୟ ଶକ୍ତି ସମତା (PPP) ଆଧାରରେ ଦାରିଦ୍ର୍ୟ ହ୍ରାସର ଏହି ତଥ୍ୟ ଯଥେଷ୍ଟ କି ନୁହେଁ, ତାହା ଉପରେ ଏକ ଗଭୀର ଏବଂ ନିରପେକ୍ଷ ବିଶ୍ଳେଷଣ ଆବଶ୍ୟକ। ଏହି ରିପୋର୍ଟ କେବଳ ସଫଳତାକୁ ଦର୍ଶାଉ ନାହିଁ, ବରଂ ଆଗକୁ ଥିବା ଆହ୍ୱାନଗୁଡ଼ିକୁ ମଧ୍ୟ ସ୍ପଷ୍ଟ କରୁଛି।

ରିପୋର୍ଟର ସବୁଠାରୁ ସକାରାତ୍ମକ ଦିଗ ହେଉଛି, ଭାରତରେ ଅତ୍ୟଧିକ ଦାରିଦ୍ର୍ୟର ନାଟକୀୟ ହ୍ରାସ। ୨୦୧୧-୧୨ ରୁ ୨୦୨୨-୨୩ ମଧ୍ୟରେ, ପ୍ରତିଦିନ ୨.୧୫ ଡଲାର (ପ୍ରାୟ ୧୮୪.୧୫ ଟଙ୍କା)ରୁ କମ୍ ଆୟ କରୁଥିବା ଲୋକଙ୍କ ସଂଖ୍ୟା ୧୬.୨ ପ୍ରତିଶତରୁ ୨.୩ ପ୍ରତିଶତକୁ ଖସି ଆସିଛି, ଯାହା ଫଳରେ ୧୭୧ ନିୟୁତ ଲୋକ ଅତ୍ୟଧିକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଗ୍ରାମାଞ୍ଚଳରେ ଏହି ହାର ୧୮.୪ ପ୍ରତିଶତରୁ ୨.୮ ପ୍ରତିଶତକୁ ଏବଂ ସହରାଞ୍ଚଳରେ ୧୦.୭ ପ୍ରତିଶତରୁ ୧.୧ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ଥିବା ଦାରିଦ୍ର୍ୟ ବ୍ୟବଧାନ ୭.୭ ପ୍ରତିଶତରୁ ୧.୭ ପ୍ରତିଶତକୁ ସଂକୁଚିତ ହୋଇଛି, ଯାହା ବାର୍ଷିକ ୧୬ ପ୍ରତିଶତ ହ୍ରାସକୁ ସୂଚାଉଛି। ଏହା ବ୍ୟତୀତ, ଭାରତ ନିମ୍ନ-ମଧ୍ୟମ ଆୟ ବର୍ଗରେ ପ୍ରବେଶ କରିଛି। ପ୍ରତିଦିନ ୩.୬୫ ଡଲାର (ପ୍ରାୟ ୩୧୨.୫୯ ଟଙ୍କା) ର ନିମ୍ନ-ମଧ୍ୟମ ଆୟ ବର୍ଗର ଦାରିଦ୍ର୍ୟ ସୀମା ଅନୁଯାୟୀ, ଦାରିଦ୍ର୍ୟ ୬୧.୮ ପ୍ରତିଶତରୁ ୨୮.୧ ପ୍ରତିଶତକୁ ହ୍ରାସ ପାଇଛି, ଯାହା ୩୭୮ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଉଠାଇଛି। ଗ୍ରାମାଞ୍ଚଳରେ ଏହି ହାର ୬୯ ପ୍ରତିଶତରୁ ୩୨.୫ ପ୍ରତିଶତକୁ ଏବଂ ସହରାଞ୍ଚଳରେ ୪୩.୫ ପ୍ରତିଶତରୁ ୧୭.୨ ପ୍ରତିଶତକୁ ଖସିଛି। ଦେଶର ପାଞ୍ଚଟି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଯଥା ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ୨୦୧୧-୧୨ ରେ ଦେଶର ୬୫ ପ୍ରତିଶତ ଅତ୍ୟଧିକ ଗରିବଙ୍କୁ ଧାରଣ କରିଥିଲେ ଏବଂ ୨୦୨୨-୨୩ ସୁଦ୍ଧା ଅତ୍ୟଧିକ ଦାରିଦ୍ର୍ୟ ହ୍ରାସରେ ଦୁଇ ତୃତୀୟାଂଶ ଯୋଗଦାନ କରିଛନ୍ତି। ବହୁଆୟାମୀ ଦାରିଦ୍ର୍ୟ ସୂଚକାଙ୍କ (MPI) ଅନୁଯାୟୀ, ଅଣ-ମୁଦ୍ରାଗତ ଦାରିଦ୍ର୍ୟ ୨୦୦୫-୦୬ ରେ ୫୩.୮ ପ୍ରତିଶତରୁ ୨୦୧୯-୨୧ ସୁଦ୍ଧା ୧୬.୪ ପ୍ରତିଶତକୁ ହ୍ରାସ ପାଇଛି। ବିଶ୍ୱ ବ୍ୟାଙ୍କର ବହୁଆୟାମୀ ଦାରିଦ୍ର୍ୟ ମାପ (MPM) ୨୦୨୨-୨୩ ରେ ୧୫.୫ ପ୍ରତିଶତ ରହିଛି। ଭାରତର ଉପଭୋକ୍ତା-ଆଧାରିତ ଗିନି ସୂଚକାଙ୍କ ୨୦୧୧-୧୨ ରେ ୨୮.୮ ରୁ ୨୦୨୨-୨୩ ରେ ୨୫.୫ କୁ ଉନ୍ନତ ହୋଇଛି। ନିଯୁକ୍ତି ବୃଦ୍ଧି ୨୦୨୧-୨୨ ପରଠାରୁ କାର୍ଯ୍ୟକ୍ଷମ ଜନସଂଖ୍ୟାକୁ ଅତିକ୍ରମ କରିଛି। ନିଯୁକ୍ତି ହାର, ବିଶେଷ କରି ମହିଳାଙ୍କ ମଧ୍ୟରେ ବୃଦ୍ଧି ପାଉଛି ଏବଂ ସହରାଞ୍ଚଳ ବେକାରୀ ହାର ୨୦୧୭-୧୮ ପରଠାରୁ ସର୍ବନିମ୍ନ ସ୍ତର ୬.୬ ପ୍ରତିଶତକୁ ଖସି ଆସିଛି।

ତେବେ, ଏହି ସଫଳତା ସତ୍ତ୍ୱେ, ରିପୋର୍ଟ ଅନେକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନକୁ ମଧ୍ୟ ସାମ୍ନାକୁ ଆଣିଛି। ପ୍ରଥମତଃ, ଉପଭୋକ୍ତା-ଆଧାରିତ ଗିନି ସୂଚକାଙ୍କରେ ଉନ୍ନତି ଦେଖାଯାଇଥିଲେ ମଧ୍ୟ, ତଥ୍ୟଗତ ସୀମାବଦ୍ଧତା ହେତୁ ବୈଷମ୍ୟକୁ କମ୍ ଆକଳନ କରାଯାଇଥାଇପାରେ। ଏହାର ବିପରୀତରେ, ବିଶ୍ୱ ବୈଷମ୍ୟ ଡାଟାବେସ୍ (World Inequality Database) ଦର୍ଶାଉଛି ଯେ ଆୟ ବୈଷମ୍ୟ ୨୦୦୪ ରେ ୫୨ ରୁ ୨୦୨୩ ରେ ୬୨ କୁ ବୃଦ୍ଧି ପାଇଛି । ବେତନ ବୈଷମ୍ୟ ମଧ୍ୟ ଅଧିକ ରହିଛି, ଯେଉଁଥିରେ ୨୦୨୩-୨୪ ରେ ଶୀର୍ଷ ୧୦ ପ୍ରତିଶତଙ୍କ ମଧ୍ୟମା ଆୟ ତଳ ୧୦ ପ୍ରତିଶତଙ୍କ ତୁଳନାରେ ୧୩ ଗୁଣ ଅଧିକ। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଦାରିଦ୍ର୍ୟ ହ୍ରାସ ହେଉଥିଲେ ମଧ୍ୟ, ସମ୍ପଦର କେନ୍ଦ୍ରୀକରଣ ଏବଂ ଆୟ ବୈଷମ୍ୟ ଏକ ବଡ଼ ସମସ୍ୟା ଭାବରେ ରହିଛି। ଦ୍ୱିତୀୟତଃ, ଦାରିଦ୍ର୍ୟ ଆକଳନ ଆନ୍ତର୍ଜାତୀୟ ଦାରିଦ୍ର୍ୟ ସୀମାର ପୁନର୍ବିଚାର ଏବଂ ୨୦୨୧ PPP ଗ୍ରହଣ ସହିତ ପରିବର୍ତ୍ତନ ହେବ। ଯଦି ପ୍ରତିଦିନ ୩.୦୦ ଡଲାର (ପ୍ରାୟ ୨୫୬.୯୫ ଟଙ୍କା) ର ସଂଶୋଧିତ ଅତ୍ୟଧିକ ଦାରିଦ୍ର୍ୟ ସୀମା ଏବଂ ପ୍ରତିଦିନ ୪.୨୦ ଡଲାର (ପ୍ରାୟ ୩୫୯.୭୩ ଟଙ୍କା) ର ନିମ୍ନ-ମଧ୍ୟମ ଆୟ ସୀମା ଗ୍ରହଣ କରାଯାଏ, ତେବେ ୨୦୨୨-୨୩ର ଦାରିଦ୍ର୍ୟ ହାର ଯଥାକ୍ରମେ ୫.୩ ପ୍ରତିଶତ ଏବଂ ୨୩.୯ ପ୍ରତିଶତକୁ ବୃଦ୍ଧି ପାଇବ। ଏହା ସୂଚାଉଛି ଯେ ବର୍ତ୍ତମାନର ମାନଦଣ୍ଡ ଅନୁଯାୟୀ ଦାରିଦ୍ର୍ୟରୁ ମୁକ୍ତ ହୋଇଥିବା ଅନେକ ଲୋକ ବାସ୍ତବରେ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି। ତୃତୀୟତଃ, ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଆହ୍ୱାନ ରହିଛି। ଯୁବ ବେକାରୀ ହାର ୧୩.୩ ପ୍ରତିଶତ ରହିଛି, ଯାହା ଉଚ୍ଚଶିକ୍ଷା ପ୍ରାପ୍ତ ସ୍ନାତକମାନଙ୍କ ମଧ୍ୟରେ ୨୯ ପ୍ରତିଶତକୁ ବୃଦ୍ଧି ପାଉଛି। ଅଣ-କୃଷି କ୍ଷେତ୍ରରେ କେବଳ ୨୩ ପ୍ରତିଶତ ବେତନଭୋଗୀ ଚାକିରି ଆନୁଷ୍ଠାନିକ, ଏବଂ ଅଧିକାଂଶ କୃଷି ନିଯୁକ୍ତି ଅଣଆନୁଷ୍ଠାନିକ ରହିଛି। ମହିଳାଙ୍କ ନିଯୁକ୍ତି ହାର ୩୧ ପ୍ରତିଶତ ଥିଲେ ମଧ୍ୟ, ୨୩୪ ନିୟୁତ ଅଧିକ ପୁରୁଷ ବେତନଭୋଗୀ କାର୍ଯ୍ୟରେ ନିୟୋଜିତ ଥିବାରୁ ଲିଙ୍ଗଗତ ବୈଷମ୍ୟ ବଳବତ୍ତର ରହିଛି। ଏହା ବ୍ୟତୀତ, ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଦାରିଦ୍ର୍ୟ ହାରରେ ମଧ୍ୟ ବୈଷମ୍ୟ ଦେଖାଯାଏ; ବିନା ଶିକ୍ଷାରେ ଥିବା ୧୬ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରେ ଦାରିଦ୍ର୍ୟ ହାର ୩୫.୧ ପ୍ରତିଶତ ଥିବାବେଳେ, ତୃତୀୟ/ଉଚ୍ଚଶିକ୍ଷା ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଏହା ୧୪.୯ ପ୍ରତିଶତ ରହିଛି। ବହୁଆୟାମୀ ଦାରିଦ୍ର୍ୟର ଅନ୍ୟାନ୍ୟ ଉପାଦାନ ଯଥା ସୀମିତ-ମାନର ପାନୀୟ ଜଳ (୧୧.୨ ପ୍ରତିଶତ) ଏବଂ ପରିମଳ ବ୍ୟବସ୍ଥା (୨୯.୯ ପ୍ରତିଶତ) ର ଅଭାବ ମଧ୍ୟ ଦାରିଦ୍ର୍ୟର ଗଭୀରତାକୁ ଦର୍ଶାଉଛି।

ବିଶ୍ୱ ବ୍ୟାଙ୍କ ରିପୋର୍ଟ ଭାରତର ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ହୋଇଥିବା ପ୍ରଗତିକୁ ସ୍ୱୀକାର କରୁଛି, ଯାହାକି ଏକ ବଡ଼ ସଫଳତା। ତେବେ, କେବଳ ସଂଖ୍ୟାଗତ ଦାରିଦ୍ର୍ୟ ହ୍ରାସ ଯଥେଷ୍ଟ ନୁହେଁ। ପ୍ରକୃତ ବିକାଶ ସେତେବେଳେ ହେବ, ଯେତେବେଳେ ପ୍ରତ୍ୟେକ ନାଗରିକ ଏକ ସମ୍ମାନଜନକ, ସୁରକ୍ଷିତ ଏବଂ ସୁଯୋଗପୂର୍ଣ୍ଣ ଜୀବନଯାପନ କରିପାରିବ। ଦୈନିକ ୨.୧୫ ଡଲାର (ପ୍ରାୟ ୧୮୪.୧୫ ଟଙ୍କା) କିମ୍ବା ୩.୬୫ ଡଲାର (ପ୍ରାୟ ୩୧୨.୫୯ ଟଙ୍କା) ଆୟରେ ଜଣେ ବ୍ୟକ୍ତି କେବଳ ନିଜର ମୌଳିକ ଆବଶ୍ୟକତାକୁ କିଛି ମାତ୍ରାରେ ପୂରଣ କରିପାରିବ, କିନ୍ତୁ ଏହା କୌଣସି ଏକ ସମ୍ମାନଜନକ ଜୀବନଶୈଳୀ ପାଇଁ ଆଦୌ ଯଥେଷ୍ଟ ନୁହେଁ। ମୁଦ୍ରାସ୍ଫୀତି, ବଢୁଥିବା ଜୀବନଧାରଣର ମାନ ଏବଂ ଅନ୍ୟାନ୍ୟ ଆବଶ୍ୟକତାକୁ ବିଚାରକୁ ନେଲେ, ଏହି ସୀମା ଅତ୍ୟନ୍ତ ନିମ୍ନ ମନେହୁଏ । ଅନେକ ଲୋକ ଏହି ଦାରିଦ୍ର୍ୟ ସୀମାରୁ ସାମାନ୍ୟ ଉପରେ ଥାଇ ମଧ୍ୟ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି, ଯେକୌଣସି ଆର୍ଥିକ ସଙ୍କଟ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କୁ ପୁଣି ଦାରିଦ୍ର୍ୟକୁ ଠେଲି ଦେଇପାରେ।

ଦାରିଦ୍ର୍ୟ ହ୍ରାସ ହୋଇଥିଲେ ମଧ୍ୟ, ଆୟ ବୈଷମ୍ୟ ଏକ ବଡ଼ ସମସ୍ୟା ଭାବରେ ରହିଛି। ଧନୀ ଓ ଗରିବ ମଧ୍ୟରେ ଥିବା ବ୍ୟବଧାନ ବଢୁଥିବା ପରି ମନେହୁଏ, ଯାହା ସାମାଜିକ ଅଶାନ୍ତି ସୃଷ୍ଟି କରିପାରେ। କେବଳ ଆୟ ବୃଦ୍ଧି ଦାରିଦ୍ର୍ୟର ସମ୍ପୂର୍ଣ୍ଣ ସମାଧାନ ନୁହେଁ। ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଏବଂ ସ୍ୱଚ୍ଛ ଶକ୍ତି ଭଳି ମୌଳିକ ସୁବିଧାଗୁଡ଼ିକର ସମାନ ବଣ୍ଟନ ଏବଂ ଉନ୍ନତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନେକ କ୍ଷେତ୍ରରେ ଏହି ସୁବିଧାଗୁଡ଼ିକର ଅଭାବ ଦାରିଦ୍ର୍ୟକୁ ଆହୁରି ଜଟିଳ କରିଥାଏ । ଏହା ବ୍ୟତୀତ, ଦାରିଦ୍ର୍ୟ ହ୍ରାସର ଲାଭ ସବୁ ଅଞ୍ଚଳରେ ସମାନ ଭାବରେ ପହଞ୍ଚିଛି କି ନାହିଁ, ତାହା ମଧ୍ୟ ଏକ ପ୍ରଶ୍ନ। କିଛି ରାଜ୍ୟ କିମ୍ବା ଅଞ୍ଚଳରେ ଦାରିଦ୍ର୍ୟର ମାତ୍ରା ଅଧିକ ରହିଥିବା ବେଳେ, ଅନ୍ୟ କେତେକ ଅଞ୍ଚଳରେ ଏହା କମ୍ ଥାଇପାରେ। ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ଏବଂ ସ୍ଥିର ରୋଜଗାରର ଅଭାବ ମଧ୍ୟ ଏକ ବଡ଼ ଆହ୍ୱାନ। ସରକାରଙ୍କୁ ସମାବେଶୀ ଅଭିବୃଦ୍ଧି, ସମ୍ପଦର ସମାନ ବଣ୍ଟନ, ସାମାଜିକ ସୁରକ୍ଷା ଜାଲକୁ ମଜବୁତ କରିବା ଏବଂ ମାନବ ସମ୍ବଳ ବିକାଶରେ ଅଧିକ ନିବେଶ କରିବା ଉପରେ ଧ୍ୟାନ ଦେବାକୁ ପଡ଼ିବ। ବିଶେଷ କରି ଯୁବ ବେକାରୀ, ଅଣଆନୁଷ୍ଠାନିକ ନିଯୁକ୍ତି ଏବଂ ଲିଙ୍ଗଗତ ବୈଷମ୍ୟ ଭଳି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସୁଚିନ୍ତିତ ନୀତି ଆବଶ୍ୟକ। ଦାରିଦ୍ର୍ୟ ବିରୁଦ୍ଧରେ ଯୁଦ୍ଧ ଏକ ନିରନ୍ତର ପ୍ରକ୍ରିୟା ଏବଂ ଏଥିରେ କୌଣସି ଆତ୍ମସନ୍ତୋଷର ସ୍ଥାନ ନାହିଁ। ଆମର ଲକ୍ଷ୍ୟ କେବଳ ଲୋକଙ୍କୁ ଏକ ସାଂଖ୍ୟିକ ଦାରିଦ୍ର୍ୟ ସୀମାରୁ ଉପରକୁ ଉଠାଇବା ନୁହେଁ, ବରଂ ସେମାନଙ୍କୁ ଏକ ସୁସ୍ଥ, ଶିକ୍ଷିତ ଏବଂ ସଶକ୍ତ ଜୀବନ ପ୍ରଦାନ କରିବା, ଯାହା ସେମାନଙ୍କୁ ପ୍ରକୃତ ଅର୍ଥରେ ଦାରିଦ୍ର୍ୟରୁ ମୁକ୍ତ କରିପାରିବ।



# ଶତ୍ରୁତା ପରିବେଶର ସ୍ରଷ୍ଟା ଅହଂକାର

## ଡ.ବିମଳ ଷଡଙ୍ଗୀ

ଆମେରିକାର ଗତ ନିର୍ବାଚନରେ ନତାଶା ଓ୍ୱେନ୍ସଙ୍କ ଲିଖିତ ଧାର୍ମିକ ସଙ୍ଗୀତ 'ଦି ଚୁଜେନ ଓ୍ୱାନ୍' ଦ୍ୱାରା ସେଠାକାର ଜନତାଙ୍କୁ ଗଭୀର ଭାବରେ ପ୍ରଭାବିତ କରାଯାଇଥିଲା । ଯାହାଫଳରେ ଧର୍ମକୁ ଆୟୁଧକରି ଟ୍ରମ୍ପ ୨୦୨୪ମସିହାର ନିର୍ବାଚନରେ ଜିତିବାକୁ ସକ୍ଷମ ହୋଇଥିଲେ ଏବଂ ୨୦୨୫ ମସିହାରୁ ଆମେରିକା ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥିଲେ । ନିର୍ବାଚିତ ହେବାପରେ ୨୦୨୫ ମସିହା ଜାନୁୟାରୀ ୨୦ ତାରିଖରେ ନିଜେ ଇଶ୍ୱରଙ୍କ ଦ୍ୱାରା ପ୍ରେରିତ ବୋଲି ସର୍ବସାଧାରଣରେ ଘୋଷଣା କରିବା ସହିତ ନିଜର ଅହଂକାରୀ ଗୁଣଦ୍ୱାରା ପ୍ରଥମ ବେଖାତିର କାର୍ଯ୍ୟ ହିସାବରେ ୨୦୧୫ମସିହାର ଗୁରୁତ୍ୱ ପୂର୍ଣ୍ଣ ତଥା ଐତିହାସିକ ପ୍ୟାରିସ ଚୁକ୍ତିନାମାରୁ ଆମେରିକା ଓହରିଯିବାକୁ ଘୋଷଣା କରିଥିଲେ ଯାହା ଜାତିସଂଘ ଦ୍ୱାରା ଗୃହିତ ଏବଂ ଜଳବାୟୁକୁ ନିୟନ୍ତ୍ରଣ କରିବାର ବିଶ୍ୱ ସଂକଳ୍ପ ନାମରେ ବିଦିତଥିଲା ଯାହା ଟ୍ରମ୍ପଙ୍କ ନିନ୍ଦନୀୟ, ଅଜ୍ଞାନୀ ଓ ଅହଙ୍କାରୀର ରୂପକୁ ପ୍ରସ୍ଫୁଟିତ କରିଥିଲା । ସେହିପରି ୩୧ ଜୁଲାଇ ୨୦୨୫ରେ ଟ୍ରମ୍ପ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭାରତ ରୁଷ ସମ୍ପର୍କକୁ ବେଖାତିର କରିବା ସହିତ ଉଭୟଙ୍କ ଅର୍ଥନିତୀକୁ ମୃତ ଅର୍ଥନୀତି ଭାବରେ ଘୋଷଣା କରିଥିଲେ ଏବଂ ରୁଷୀୟ ପେଟ୍ରୋଲିୟମ୍ କ୍ରୟ ଯୋଗୁ ୧୩ ସେପ୍ଟେମ୍ବରରେ ଚୀନ ଉପରେ ୧୪୫% ଓ ଅଗଷ୍ଟ ୨୭ତାରିଖ ୨୦୨୫ରେ ଭାରତ ଉପରେ ୫୦ % ଟିକସ ଲାଗୁ କରିଥିଲେ, ଯାହା ତାଙ୍କ ଅହଂକାରୀ ଚେହେରାକୁ ଅଧିକାଂଶରେ ବିକଶିତ କରିଥିଲା । ମାତ୍ର ସେ ଭୁଲି ଯାଇଥିଲେ ଅହଂକାର ପ୍ରତ୍ୟେକ ବ୍ୟକ୍ତି ଓ ଜାତି ପତନର ମୂଳ କାରଣ । ଯାହା ନିକଟରେ ଆମେରିକାରେ ସଂଗଠିତ ଟ୍ରମ୍ପ ବିରୋଧୀ ଜନ ଆନ୍ଦୋଳନ ଏବଂ ସେଠାକାର ଦୃତ ଆର୍ଥିକ ଅବନତି, ଦୁର୍ନୀତି, ଭ୍ରଷ୍ଟାଚାର, ପରିବାରବାଦ ଆଦିର ସଂକେତ ଦେଇଥିଲା ।

ଶ୍ରୀମଦ ଭଗବଦ୍ ଗୀତାର ତ୍ରୟୋଦଶ ଅଧ୍ୟାୟ ଅଷ୍ଟମ ଶ୍ଳୋକରେ ଏକ ଦିବ୍ୟ ଗୁଣ ଭାବରେ ନମ୍ରତା ଏବଂ ନିଃସ୍ୱାର୍ଥପରତାକୁ ଉଚ୍ଚ ସ୍ଥାନ ଦିଆଯାଇଥିବା ବେଳେ ଅହଂକାରକୁ ଜ୍ଞାନ ଏବଂ ମୁକ୍ତିର ପ୍ରତିବନ୍ଧକ ଭାବରେ ବାରମ୍ବାର ଚେତାବନୀ ଦିଆଯାଇଛି। ବୌଦ୍ଧ ଧର୍ମରେ ଅହଂକାର କିମ୍ବା ଗର୍ବ ଦୁଃଖର ଏକମାତ୍ର କାରଣ ଭାବେ ବର୍ଣ୍ଣିତ ଏବଂ ଯେଉଁଥିରୁ ଶିକ୍ଷା ମିଳେ ଅହଂକାର ବ୍ୟକ୍ତିକୁ ଜ୍ଞାନପ୍ରାପ୍ତି ଠାରୁ ଦୂରକୁ ନେଇ ବିନାଶ ଆଡ଼କୁ ବାଟ ଦେଖାଏ, ତଥାପି ସମାଜରେ ଅହଂକାର ମାତ୍ରାଧିକ ଆଧିପତ୍ୟ ଦେଶ ପ୍ରଗତିର ବାଧକ ହୋଇଚାଲିଛି ଯାହା ପ୍ରଣିଧାନର ଯୋଗ୍ୟ ।

ଅହଂକାରୀ ବ୍ୟକ୍ତି ନିଜର କର୍ମକୁ ସୀମିତ ଓ ଆତ୍ମକୈନ୍ଦ୍ରିକକରି ସାର୍ବଜନୀନ ଅଭିବୃଦ୍ଧିକୁ ବିରୋଧ କରନ୍ତି । ବିଶ୍ୱାସକୁ କ୍ଷୁର୍ଣ୍ଣ କରି ସେମାନଙ୍କର ଶ୍ରେଷ୍ଠତାକୁ ଜାହିର କରନ୍ତି ଏବଂ ସହାନୁଭୂତିର ଅଭାବ ମାଧ୍ୟମରେ ସହଯୋଗକୁ ଦୁର୍ବଳ କରି ସମାଜକୁ କ୍ଷତି ପହଞ୍ଚାନ୍ତି । କର୍ମକ୍ଷେତ୍ର ଏବଂ ବ୍ୟକ୍ତିଗତ ପାରସ୍ପରିକ କ୍ରିୟାରେ ଅହଂକାର ସମାଜ ଏବଂ ପ୍ରଗତିକୁ ନକାରାତ୍ମକ ଭାବରେ ପ୍ରଭାବିତ କରିଥାଏ । ଅହଂକାର ଶତ୍ରୁତାର ଏକ ପରିବେଶ ସୃଷ୍ଟି କରେ ଏବଂ ବ୍ୟକ୍ତିମାନଙ୍କୁ ଅନ୍ୟମାନଙ୍କ ଅବଦାନର ମୂଲ୍ୟ ଚିହ୍ନଟ କରିବାରେ ବାଧା ଦିଏ ଏବଂ ଗୋଷ୍ଠୀ ତଥା ସମ୍ପ୍ରଦାୟ ମଧ୍ୟରେ ସମ୍ପର୍କ ଏବଂ ବିଶ୍ୱାସକୁ କ୍ଷତି ପହଞ୍ଚାଏ। ଅହଂକାରୀ ବ୍ୟକ୍ତିମାନେ ମତାମତ ଏବଂ ନୂତନ ଚିନ୍ତାଧାରା ପ୍ରତି ପ୍ରତିରୋଧୀ ଯାହା ବ୍ୟକ୍ତିଗତ ଏବଂ ବୃତ୍ତିଗତ ବିକାଶକୁ ମଧ୍ୟ ବିରୋଧକରି ଅସ୍ଥିରତା ସୃଷ୍ଟି କରିବା ସହିତ ସାମାଜିକ ପ୍ରଗତିକୁ ସୀମିତ କରେ। ଅତ୍ୟଧିକ ଆତ୍ମବିଶ୍ୱାସୀ ଏବଂ ଆତ୍ମ-ମହତ୍ତ୍ୱପୂର୍ଣ୍ଣ ମନୋଭାବ ଦୁର୍ବଳ ନିଷ୍ପତ୍ତି ଗ୍ରହଣ ଏବଂ ଅନ୍ୟମାନଙ୍କୁ ଦୋଷ ଦେବାର ପ୍ରବୃତ୍ତି ସୃଷ୍ଟି କରିପାରେ ଯାହା ବିଭିନ୍ନ ସମୟରେ ସଂଘର୍ଷ ଏବଂ ଅସ୍ଥିରତା ସୃଷ୍ଟି କରେ। ଅହଂକାର ପ୍ରାୟତଃ ଶ୍ରେଷ୍ଠତାର ଭାବନା ଭାବରେ ପ୍ରକାଶ ପାଏ ଯାହା ଅନ୍ୟମାନଙ୍କ ମତାମତ ଏବଂ ଭାବନା ପ୍ରତି ଅସମ୍ମାନ ଏବଂ ଭିନ୍ନ ଦୃଷ୍ଟିକୋଣ ସହିତ ସହାନୁଭୂତି ଦେଖାଇବାରେ ଅସମର୍ଥତା ସୃଷ୍ଟି କରେ।

ଆମ ସମାଜ ମଧ୍ୟ ଏହି ପ୍ରବୃତ୍ତିକୁ ବିକଶିତ କରିବାପାଇଁ କର୍ମର ବିଭେଦିକରଣ କରି ଉଚ୍ଚ ଓ ନିମ୍ନ କର୍ମର ସୃଷ୍ଟି କରିଛି । ଆଇଏଏସ, ଓଏଏସ, ଡାକ୍ତର, ଇଂଜିନୟର, ବୈଜ୍ଞାନିକ, ମନ୍ତ୍ରୀ ବା ଅନ୍ୟ କିଛି ଅଫିସର, ସିନେମା, ଟିଭି, ଖେଳ ଆଦିଙ୍କ କର୍ମକୁ ଉଚ୍ଚ କର୍ମର ମାନ୍ୟତା ଦେଇଥିବା ସମୟରେ ଶିକ୍ଷକ, କୃଷକ, ସୈନିକ, ସଫେଇ କର୍ମଚାରୀ, ଠେଲାଗାଡି, ସେବିକା, ବାରିକ, ରଜକ, କୁମ୍ଭାର, ବଢେଇ ଆଦି ଅନ୍ୟାନ୍ୟ କର୍ମକୁ ଗୌଣ କର୍ମର ମାନ୍ୟତା ଦେଇଛି, ମାତ୍ର ପରିତାପର ବିଷୟ ଯେଉଁମାନଙ୍କୁ ଏତେ ଉଚ୍ଚରେ ରଖାଯାଏ ସେମାନେ ନିଜ କର୍ମକୁ ଉଚ୍ଚ ସ୍ଥାନରେ ଦେଖି ଅହଙ୍କାରୀ ହୋଇ ସମାଜର ପ୍ରଗତିରେ ସେମାନଙ୍କ ଯୋଗଦାନକୁ ସୀମିତ କରି ସମାଜର ପ୍ରଗତିରେ ବାଧା ସୃଷ୍ଟି କରନ୍ତି ।

ବାରି ବ୍ରାଉନଷ୍ଟାଇନ, ଜଣେ ଅଧ୍ୟାପକ ଓ ଲିବେରଟେରିଆନ ଏବଂ ମିଲଟନ ଫ୍ରିଡମ୍ୟାନ ଏହି ଦୁଇଜଣ ଅର୍ଥନୈତିଜ୍ଞ ନୀତି ନିୟନ୍ତ୍ରଣ, ନୀତି ନିର୍ମାଣ ଏବଂ ମାନବ ସ୍ୱାଧୀନତା ସନ୍ଦର୍ଭରେ ଅହଂକାର ବିଷୟରେ ଗଭୀର ମତ ପ୍ରକାଶ କରିଛନ୍ତି । ମିଲଟନ ଫ୍ରିଡମ୍ୟାନ ତାଙ୍କ ବିଶ୍ୱପ୍ରସିଦ୍ଧ ବହି 'କ୍ୟାପିଟାଲିଜମ ଆଣ୍ଡ ଫ୍ରିଡମ' ଏବଂ 'ଫ୍ରି ଟୁ ଚୁଜ' ମାଧ୍ୟମରେ ଏହି ବିଷୟରେ ବୁଝାଇଛନ୍ତି ଯେ ଅନେକ ବିଦ୍ୱାନ ବା ନୀତି ନିର୍ମାତାମାନେ ମନେ କରନ୍ତି ଯେ ସେମାନେ ଅନ୍ୟମାନଙ୍କ ଜୀବନ ବ୍ୟବସ୍ଥା ପାଇଁ ସ୍ୱୟଂ ସର୍ବୋତ୍ତମ ଯାହା ସେମାନଙ୍କର ଅହଂକାରକୁ ଦର୍ଶାଇ ଥାଏ । ଫ୍ରିଡମ୍ୟାନଙ୍କ ମତରେ ଏହି ଅହଂକାର ଲୋକତନ୍ତ୍ର ଓ ସ୍ୱାଧୀନତା ପାଇଁ ଅତ୍ୟନ୍ତ କ୍ଷତିକାରକ ।ବାରି ବ୍ରାଉନଷ୍ଟାଇନ ଅହଂକାରକୁ ଏକ ନୀତିଗତ ଅନ୍ଧତା ବୋଲି ବର୍ଣ୍ଣନା କରିବା ସହିତ ନିଜର ଅଜ୍ଞତା ଆମକୁ ଏତେ ଅନ୍ଧ କରିଥାଏ ଯେ ଆମେ ଖୁବ କମ ଜ୍ଞାନ ଆହରଣରେ ଓ କମ ବୁଝି ଭାବନ୍ତି ଯେ ଅନ୍ୟମାନେ କଣ ଚାହାନ୍ତି ତାହା ଭଲ ଭାବରେ ଆମ୍ଭମାନଙ୍କୁ ଜଣା, ଯାହା ସଂପୂର୍ଣ୍ଣ ଭୁଲ ।

ନିକଟରେ କମେଡିୟନ୍ କୁନାଲ କାମରା ଓଲାର ଗ୍ରାହକ ସେବା ବିଷୟରେ ନିଜର ଅଭିଯୋଗ ଉଠାଇଥିଲେ ମାତ୍ର ତାହାକୁ ଓଲାର ପ୍ରତିଷ୍ଠାତା ଭଗିଶ ଅଗ୍ରୱାଲା ନିଜର ଅହଂକାର ବଳରେ ଗୁରୁତ୍ୱ ଦେବା ପରିବର୍ତ୍ତେ ତାଙ୍କୁ 'ସଟ ଅପ' କହିବା ପ୍ରତିକ୍ରିୟାକୁ ଅନେକ ବ୍ୟକ୍ତି ନିନ୍ଦା କରିବା ସହିତ ତାଙ୍କୁ ଅହଂକାରୀ ବୋଲି ବର୍ଣ୍ଣନା କରିଥିଲେ ଯାହା ଗ୍ରାହକର ଆଶା, ନିୟମିତ ସେବା ଏବଂ କମ୍ପାନୀର ଉତ୍ତର ଦାୟିତାକୁ ଅଣଦେଖା କରିଥିଲା । ଅହଂକାରୀ ବ୍ୟକ୍ତିମାନେ ଶୁଣିବାକୁ ଇଚ୍ଛାପ୍ରକାଶ କରନ୍ତି ନାହିଁ, ବିଶେଷଜ୍ଞ ମତାମତକୁ ପ୍ରତ୍ୟାଖ୍ୟାନ କରନ୍ତି। ପାରସ୍ପରିକ କ୍ରିୟାରେ ଅହଂକାର ସାମାଜରେ ଅର୍ଥପୂର୍ଣ୍ଣ ସଂଯୋଗ କରିବାରେ ବାଧା ଦେଇଥାଏ ଏବଂ ଏକ ସୁସ୍ଥ ସମାଜର ଗଠନରେ ପ୍ରତିବନ୍ଧକ ସୃଷ୍ଟି କରେ। ୨୦୨୫ ମସିହା ଏପ୍ରିଲ ମାସରେ ଶ୍ରୀବାସ୍ତବଙ୍କ ଏକ ଲିଙ୍କଡିନ୍ ପୋଷ୍ଟ କେରଳର ସେ ସମୟର ଏକ ଘଟଣାକୁ ଗୁରୁତ୍ୱର ସହିତ ଉପସ୍ଥାପିତ କରିଥିଲା ଯେଉଁଥିରେ ଜଣେ କର୍ମଚାରୀ ନିଜର ବିକ୍ରୟ ଲକ୍ଷ୍ୟ ହାସଲ ନକରିବା କାରଣରୁ ପରିଚାଳନା ଅଧିକାରୀଙ୍କ ଅହଂକାର ଯୋଗୁ ଅଧୀନସ୍ଥ କର୍ମଚାରୀଙ୍କୁ ବହୁତ ସମୟ ବିଭିନ୍ନ ସ୍ଥାନ ବୁଲି ନିଜ ଦ୍ରବ୍ୟର ପ୍ରମୋଶନ କରିବାକୁ ବାଧ୍ୟ କରାଯାଇଥିଲା ଯାହା ଏକ ବିଷାକ୍ତ ଅହଙ୍କାରୀ କର୍ପୋରେଟ୍ ସଂସ୍କୃତିର ଉଦାହରଣ ହୋଇଥିଲା । ସେହିପରି ଗଭୀର ଭାବରେ ବସାବାନ୍ଧିଥିବା ଜାତି ବ୍ୟବସ୍ଥା ଭାରତରେ ଅହଂକାର ଏବଂ ପଦ୍ଧତିଗତ ଅନ୍ୟାୟର ଉତ୍ସ ହୋଇ ରହିଛି। ହେମାଙ୍ଗୀ କଡଲାକଙ୍କ ଅନୁସାରେ ଯେତେଦିନ ପର୍ଯ୍ୟନ୍ତ ଏପରି ଜାତି ବ୍ୟବସ୍ଥା ରହିଥିବା ସେତେଦିନଯାଏ ଉଚ୍ଚ ଜାତିଙ୍କ ଅହଂକାର ନିମ୍ନ ଜାତି ଦ୍ୱାରା ସମ୍ମୁଖୀନ ହେଉଥିବା ନିଷ୍ଠୁରତାର ମୂଳ କାରଣ ହେବ ।

ଗର୍ବୀ ଓ ଅହଙ୍କାରୀ ଲୋକମାନେ ପ୍ରକୃତ ବନ୍ଧୁତା ଏବଂ ବିଶ୍ୱସ୍ତ ହୋଇପାରିବେ ନାହିଁ । ସେମାନଙ୍କର ମନୋଭାବ ଅନ୍ୟମାନଙ୍କ ମଧ୍ୟରେ ଏକ ପ୍ରାଚୀର ସୃଷ୍ଟି କରିପାରେ। ଜଣେ ଗର୍ବୀ କିମ୍ବା ଅହଂକାରୀ ବ୍ୟକ୍ତି ପ୍ରାୟତଃ ସେମାନଙ୍କର ପଦବୀ କିମ୍ବା ଶକ୍ତି ଯୋଗୁଁ ଅସ୍ଥାୟୀ ଗୁରୁତ୍ୱ ପାଇପାରନ୍ତି କିନ୍ତୁ ପ୍ରକୃତ ସମ୍ମାନ ଏବଂ ଦୀର୍ଘକାଳୀନ ପ୍ରଶଂସା ସାଧାରଣତଃ ନମ୍ର ବ୍ୟକ୍ତିମାନଙ୍କୁ ମିଳିଥାଏ। ଜଣେ ଅହଂକାରୀ ବ୍ୟକ୍ତି ଭାବିଥାଏ, ଯେ ସେ ପୂର୍ବରୁ ସବୁକିଛି ଜାଣିଛି ଯାହା ତାର ମାନସିକତା ବିକାଶ ଏବଂ ମତାମତର ଦ୍ୱାର ବନ୍ଦ କରିଦିଏ। ଅହଂକାରୀ ଆଚରଣ ଅନ୍ୟମାନଙ୍କୁ ଅବମୂଲ୍ୟ କିମ୍ବା ଅସମ୍ମାନିତ ଅନୁଭବ କରାଏ ଏବଂ ବିଷାକ୍ତ ପରିବେଶ ସୃଷ୍ଟି କରେ । ଯଦିଓ କେହି ବାହାରେ ସଫଳ ଦେଖାଯାଆନ୍ତି ମାତ୍ର ପ୍ରକୃତରେ ଏହା ସେମାନଙ୍କୁ ଏକାକୀତା ଆଡ଼କୁ ନେଇଯାଏ ।କିଛି ଲୋକ ପ୍ରଥମେ ଅହଂକାରୀକୁ ପ୍ରଶଂସା କରିପାରନ୍ତି କିନ୍ତୁ ସମୟ ସହିତ ଲୋକମାନେ ସେମାନଙ୍କଠାରୁ ନିଜକୁ ଦୂରେଇ ରଖନ୍ତି। ଅହଂକାର ହେଉଛି ଅସୁରକ୍ଷିତଙ୍କ କବଚ ଏବଂ ଆତ୍ମବିଶ୍ୱାସ ହେଉଛି ଜ୍ଞାନୀଙ୍କ ଶକ୍ତି। ଯେଉଁମାନେ ପକ୍ଷପାତିତା ଅପେକ୍ଷା ଶିକ୍ଷା, ସଚେତନତା ଏବଂ ସାମାଜିକ ସମର୍ଥନ ମାଧ୍ୟମରେ ନ୍ୟାୟକୁ ଗୁରୁତ୍ୱ ଦିଅନ୍ତି ଏବଂ ଏକ ନ୍ୟାୟପୂର୍ଣ୍ଣ ସମାଜରେ ଝାଡୁ ଏବଂ କଲମକୁ ଉପଯୁକ୍ତ ସମ୍ମାନର ସହିତ ଉତ୍ତମ ବ୍ୟବହାର କରନ୍ତି ସେମାନେ ଜାଣିଥାଆନ୍ତି ଉଭୟ ଦେଶକୁ ପ୍ରଗତିରେ ସହାୟକ ହୁଅନ୍ତି ।

'ଅହଂକାର ବିଭାଜନ କରେ ମାତ୍ର ନମ୍ରତା ଏକତ୍ର କରେ। ଅହଂକାର ନଷ୍ଟ କରେ, ନମ୍ରତା ନିର୍ମାଣ କରେ।ଏକ ଗର୍ବୀ ବ୍ୟକ୍ତି ଜିତିପାରେ, କିନ୍ତୁ ଜଣେ ନମ୍ର ବ୍ୟକ୍ତି ନେତୃତ୍ୱ ନେବାକୁ ଉପଯୁକ୍ତ ହୋଇଥାଏ। ଅହଂକାର ଏବଂ ଗର୍ବକୁ ଯେତେବେଳେ ନିୟନ୍ତ୍ରଣ କରା ନଯାଏ ସେତେବେଳେ ତାହା କେବଳ ବ୍ୟକ୍ତିକୁ ନୁହେଁ ବରଂ ତାଙ୍କ ଚାରିପାଖରେ ଥିବା ସମସ୍ତଙ୍କୁ ନଷ୍ଟ କରିଦିଏ। କେହି ଅହଂକାରୀ ହୋଇ ଜନ୍ମ ହୁଅନ୍ତି ନାହିଁ। ଏହା ଏକ ପରିବେଶଗତ ଶିକ୍ଷାରୁ ଗୃହିତ ଆଚରଣ, ସଂସ୍କୃତି, ବ୍ୟକ୍ତିଗତ ଅନଭିଜ୍ଞତା କିମ୍ବା ଅସୁରକ୍ଷା ଦ୍ୱାରାପ୍ରାପ୍ତ ବିଷ ଫଳ। ବିଫଳତା କିମ୍ବା ଅଯୋଗ୍ୟତାର ଭୟକୁ ଲୁଚାଇବା ପାଇଁ ଅହଂକାର ଏକ ଢାଲ ହୋଇଯାଏ। ନେପୋଲିୟନ୍ ବୋନାପାର୍ଟ ତାଙ୍କର ସାମରିକ ପ୍ରତିଭା ପାଇଁ ପ୍ରସିଦ୍ଧ କିନ୍ତୁ ତାଙ୍କ ଅହଂକାର ଏବଂ ନିଜ ଅଜେୟତାରେ ବିଶ୍ୱାସ ପାଇଁ ମଧ୍ୟ କୁଖ୍ୟାତ। ତାଙ୍କର ଅହଂକାର ରୁଷର ବିନାଶକାରୀ ଆକ୍ରମଣରେ ପ୍ରତିହତ ହୋଇଥିଲା କର୍ମକ୍ଷେତ୍ରରେ, ଅହଂକାର ପ୍ରାୟତଃ କଠୋର ଭାବରେ ଦେଖାଯାଏ । ବରିଷ୍ଠ କର୍ମଚାରୀ କିମ୍ବା ପରିଚାଳକମାନେ ଜାତି, ଶ୍ରେଣୀ କିମ୍ବା ପଦବୀ ଯୋଗୁଁ କନିଷ୍ଠ କର୍ମଚାରୀଙ୍କୁ ହଇରାଣ କରନ୍ତି । ଏହା ପରସ୍ପର ମଧ୍ୟରେ ବୁଝାମଣାରେ ଅଭାବ, ଯୋଗାଯୋଗରେ ବିଭ୍ରାଟ, ମନୋବଳ ହ୍ରାସ ଏବଂ ବିଷାକ୍ତ କାର୍ଯ୍ୟ ପରିବେଶ ସୃଷ୍ଟି। ଭାରତର ବିବିଧ ଏବଂ ଜଟିଳ ସାମାଜିକ ଗଠନ କେତେକ ସମୟରେ ଜାତି-ଭିତ୍ତିକ କିମ୍ବା ଶ୍ରେଣୀ-ଭିତ୍ତିକ ସୁବିଧା ମାଧ୍ୟମରେ ଅହଂକାରକୁ ପ୍ରୋତ୍ସାହିତ କରେ, ଯେଉଁଠାରେ କିଛି ଗୋଷ୍ଠୀ ଐତିହାସିକ ଭାବରେ ନିଜକୁ ଶ୍ରେଷ୍ଠ ବୋଲି ଦେଖନ୍ତି। ତଥାପି, ସମାନତା ଏବଂ ନ୍ୟାୟ ପାଇଁ ଆନ୍ଦୋଳନଗୁଡ଼ିକ ଏପରି ଅହଂକାରକୁ ନିରନ୍ତର ପ୍ରତିହତ କରି ଶ୍ରେଷ୍ଠତା ପାଇଥାଆନ୍ତି ।


+ସଂସାଧନ ବ୍ୟକ୍ତି,ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର,ଭାରତ ସରକାର

ମୋ : ୯୪୩୭୧୨୩୮୯୨


# ସଫଳତାର ପଥ

## ବୈଷ୍ଣବ ମେହେର

ସଫଳତା ସମସ୍ତଙ୍କୁ ଦରକାର। କିନ୍ତୁ ସଫଳତାର ରାସ୍ତାରେ ଆଗେଇବା ବେଳେ ବାଟରେ ଯେଉଁସବୁ ସମସ୍ୟାର ସମ୍ମୁଖିନ ହେବାକୁ ପଡ଼େ ସେସବୁକୁ ଏଡ଼ାଇ ଯିବାର କଳା ଖୁବ କମ ଲୋକଙ୍କୁ ଜଣା । ଦୈନନ୍ଦିନ ଜୀବନରେ ଏମିତି ଅନେକ ଛୋଟବଡ଼ ଘଟଣା ବା ଅଘଟଣ ଘଟେ ସେସବୁ ମଧ୍ୟରୁ କେଉଁଥିରେ ପ୍ରତିକ୍ରିୟାଶୀଳ ହେବା ଓ କେଉଁ ସବୁକୁ ଏଡ଼ାଇ ଯିବା ଆବଶ୍ୟକ, ତାର ସଠିକ ନିର୍ଣ୍ଣୟ କରିବା ହିଁ ନିଜ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏକଥା ମନେ ରଖିବାକୁ ହେବ ଯେ, ସାମନାରେ ଘଟୁଥିବା ପ୍ରତି ଘଟଣାରେ ମୁଣ୍ଡ ପୁରେଇବା ବ୍ୟକ୍ତି ବିକାଶର ବଡ଼ ଅନ୍ତରାୟ ହୋଇଥାଏ । ଆମ ଭିତରେ ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ ସାମାନ୍ୟ କଥାରେ ମୁଣ୍ଡ ଖେଳାଇ ନିଜକୁ ଚାପଗ୍ରସ୍ତ କରିଥାନ୍ତି । ଛୋଟଛୋଟ କଥାରେ ଯୁକ୍ତିତର୍କ କରି ଜିତିବା ହାରିବାକୁ ନିଜ ଆତ୍ମସମ୍ମାନ ମନେ କରୁଥିବା ଲୋକର ଶକ୍ତି, ସାମର୍ଥ୍ୟ ଓ ସମୟର ଅପଚୟ ଘଟେ । ଯାହାଦ୍ୱାରା ଅନେକାଂଶରେ ସେଭଳି ବ୍ୟକ୍ତିମାନେ ଜୀବନର ପ୍ରକୃତ ସଫଳତା ଠାରୁ ଦୂରେଇ ଯାନ୍ତି । କହିବା ବାହୁଲ୍ୟ ଯେ, ଅନାବଶ୍ୟକ ଲଢ଼େଇ ଓ ଯୁକ୍ତିତର୍କକୁ ସତର୍କତାର ସହ ଏଡ଼ାଇ ଯିବା ହିଁ ବୁଦ୍ଧିମାନର ପରିଚୟ ଦିଏ । ଯାହା ବ୍ୟକ୍ତିକୁ ଉଭୟ ମାନସିକ ଓ ଶାରୀରିକ ଦୃଷ୍ଟିରୁ ସୁସ୍ଥ ମଧ୍ୟ ରଖେ ।

ପୁନଶ୍ଚ ଆମେ ଚାହୁଁ ନଥିବା ଅନେକ ଘଟଣା ଆମ ପାଖରେ ଘଟେ କିମ୍ବା ଆମ ଅନିଚ୍ଛା ସତ୍ତ୍ୱେ ଆମକୁ ଘରେ ହେଉ କି ବାହାରେ ଅନେକ ଲୋକଙ୍କ ସହ କାମ କରିବାକୁ ପଡ଼େ । ସେସବୁ ଘଟଣା ବା ବ୍ୟକ୍ତିଙ୍କୁ ନେଇ ଯଦି ଆମେ ନିରାଶ କିମ୍ବା ଅନାଗ୍ରହ ରହିବା ତେବେ ଆଗକୁ ବଢ଼ିବା ସମ୍ଭବ ହେବ ନାହିଁ। ଚାରିପଟେ ଆମର ଯିଏ ଥାଆନ୍ତୁନା କାହିଁକି ଆମକୁ ଆମ କାର୍ଯ୍ୟ ହାସଲ ନିମନ୍ତେ ଧ୍ୟାନ ଦେବା ଜରୁରୀ । ଗୋଲାପ ଫୁଲର ଚାରିପଟେ ଯେତେ ବି ତୀକ୍ଷଣ କଣ୍ଟା ଥାଉ ସେସବୁ କଣ୍ଟା ସହ ଲଢ଼େଇ ନକରି ବରଂ କଣ୍ଟାର ଆଘାତରୁ ନିଜକୁ ବଂଚାଇ ଗୋଲାପ ଫୁଲ ନିକଟକୁ ସୁରକ୍ଷିତ ପହଂଚିବା ଆମର ଧ୍ୟେୟ ହେଉ । ଜୀବନରେ ଏମିତି ଅନେକ ବ୍ୟକ୍ତି ଆସିବେ ଯେଉଁମାନଙ୍କ ଅସହିଷ୍ଣୁତା, ସ୍ୱାର୍ଥପରତା, ସଂକୀର୍ଣ୍ଣତା ଆମ ଗତିପଥକୁ ରୋକିବାର ପ୍ରୟାସ କରିପାରେ । କିନ୍ତୁ ଅବର୍ଜନା କୁଣ୍ଡକୁ ଧ୍ୟାନ ନଦେଇ ଅବର୍ଜନା ଠାରୁ ନିଜକୁ ଦୂରେଇ ରଖିବାର ସୁଯୋଗ ତିଆରି କରିବାର ଦାୟିତ୍ୱ ଆମ ନିଜର ହେବା ଦରକାର । ଆଉ ଯଦି ସେମାନଙ୍କୁ ଉଚିତ ଜବାବ ଦେବା ନାଁରେ ସେମାନଙ୍କ ସହ ଲଢ଼େଇରେ ଅବତୀର୍ଣ୍ଣ ହେବା ତେବେ ଆମର ବି କ୍ଷତି ହେବା ସ୍ୱାଭାବିକ କଥା । ତେଣୁ ନିଜ ଧ୍ୟାନକୁ ଲକ୍ଷଚ୍ୟୁତ ହେବାକୁ ନଦେଇ ସକରାତ୍ମକ ବିଚାର ନେଇ ଲକ୍ଷସ୍ଥଳରେ ଲୟ ରଖିଲେ ଅଚିରେ ସଫଳତା ହାସଲ କରାଯାଇ ପାରିବ ।

ସେଦିନ ଗୁରୁ ଦ୍ରୋଣ ନିଜ ଶିଷ୍ୟମାନଙ୍କୁ ପରୀକ୍ଷା କରିବାକୁ ଯାଇ ପକ୍ଷୀର ପିତୁଳାଟିଏ ଗଛର ଡାଳରେ ରଖି ଅନତି ଦୂରରୁ ସେହି ପିତୁଳାର ଆଖିକୁ ଶରବିଦ୍ଧ କରିବାକୁ ଶିଷ୍ୟଙ୍କୁ ନିର୍ଦ୍ଦେଶ କଲେ । ଜଣଜଣ ହୋଇ ଯୁଧିଷ୍ଠିର, ଦୁର୍ଯ୍ୟୋଧନ, ଭୀମ, ଦୁଃଶାସନ, ନକୁଳ, ସହଦେବ ପ୍ରମୁଖ ଶିଷ୍ୟଗଣ ଶରସନ୍ଧାନ କରିବା ପୂର୍ବରୁ ଗୁରୁ ସମସ୍ତଙ୍କୁ ତୁମେ ତୁମ ଆଗରେ କ'ଣ ଦେଖୁଛ ବୋଲି ପ୍ରଶ୍ନ କରିଥିଲେ ! କିଏ ଗଛ, ପକ୍ଷୀ ତ କେହି ଗଛର ଡାଳ, ପତ୍ର, ପକ୍ଷୀର ମୁଣ୍ଡ ଆଦି ଦେଖାଯାଉଥିବା ବର୍ଣ୍ଣନା କଲେ । ସବାଶେଷରେ ଗୁରୁ ଦ୍ରୋଣ ତାଙ୍କ ପ୍ରିୟ ଶିଷ୍ୟ ଅର୍ଜୁନଙ୍କୁ ଡାକି ସେହି ସମାନ ପ୍ରଶ୍ନ ପଚାରିବାରୁ ଅର୍ଜୁନଙ୍କ ଠାରୁ ଭିନ୍ନ ଉତ୍ତର କେବଳ ପକ୍ଷୀର ଆଖି ଛଡ଼ା ଅନ୍ୟ କିଛି ଦେଖାଯାଉନଥିବା ଶୁଣିବାକୁ ପାଇଥିଲେ। ଏହା ଶୁଣି ଗୁରୁ ଶର ଚଲାଇବାର ନିର୍ଦ୍ଦେଶ ଦିଅନ୍ତେ ଅର୍ଜୁନଙ୍କ ଶରମୁନରେ ପକ୍ଷୀର ଆଖି ଓଲଟି ପଡ଼ିଥିଲା । କହିବାର ଅର୍ଥ ଯେକୌଣସି ସଫଳତା ପାଇବାକୁ ହେଲେ ଚର୍ତୁପାର୍ଶ୍ୱର ସମସ୍ତ ବାଧାବିଘ୍ନକୁ ଅଣଦେଖା କରି ଏକାଗ୍ର ଚିତ୍ତରେ ଆମକୁ ଆମର ନିର୍ଦ୍ଦିଷ୍ଟ ଲକ୍ଷରେ ହିଁ ଧ୍ୟାନ କେନ୍ଦ୍ରିଂତ କରିବାକୁ ହୁଏ ।

ହିଁ ଏକଥା ସ୍ୱୀକାର୍ଯ୍ୟ ଯେ, ମଣିଷର ସାଧନା ଓ ଦକ୍ଷତାର ପରିପ୍ରକାଶ ପାଇଁ ସବୁ ବେଳେ ଉତ୍ତମ ପରିବେଶର ଆବଶ୍ୟକତା ନଥାଏ । ସଫଳତା ପାଇଁ ଆମ ଭିତରେ ଉଦବେଳନ ରହିବା ଆବଶ୍ୟକ। ଏତେ ବର୍ଷ ଧରି କୋଟିକୋଟି ପ୍ରାଣରେ ଦେଶପ୍ରୀତିର ଆବେଗ ସଂଚରିତ କରି ଚାଲିଥିବା 'ଏ ମେରେ ୱତନ କେ ଲୋଗୋ' ଗୀତକୁ ଗୀତିକାର ପ୍ରଦୀପ୍ତ ଏକଦା ରାସ୍ତାରେ ପଡ଼ିଥିବା ସିଗାରେଟ ଖୋଳରେ ଲେଖିଥିବା ଜାଣି ବିସ୍ମିତ ହେବାକୁ ପଡ଼େ । ସମସ୍ତ ନକରାତ୍ମକ ଶକ୍ତିକୁ ଅଣଦେଖା କରି ନିଜ ଭିତରେ ଆତ୍ମବିଶ୍ୱାସ, ଆତ୍ମଉତ୍ସାହ ଜାଗ୍ରତ ପୂର୍ବକ ନିଷ୍ଠାର ସହ କାର୍ଯ୍ୟ କରିଗଲେ ସଫଳତା ପାଇବା ଅତିବ ସରଳ ଓ ସହଜ ହୁଏ ।


+ସିନାପାଲି,ନୂଆପଡ଼ା

ମୋ: ୯୭୭୭୭୫୩୯୩୫





## ନିଃଶବ୍ଦ ବିଚ୍ଛେଦ

### ସଦାଶିବ ବିଶ୍ୱାଳ



ହିନ୍ଦୁ ରୀତିନୀତିରେ ସାହାନାଇ ବଜାଇ
ସାତ ଜନ୍ମ ପାଇଁ ସଂପର୍କ ଗଢ଼ାଯାଏ
ଆଜିର ଯୁଗରେ ଅଧିକ ସୁରକ୍ଷା ପାଇଁ
ଆଇନଗତ ପଞ୍ଜିକରଣ ବି ହୁଏ

ପତିପତ୍ନୀ ଦୁହେଁ
ନିଜ ନିଜ ବୃତ୍ତିରେ ଥାଇ
ଭୁଲିଯାଆନ୍ତି ସଂସାର କରିବା
ହ୍ୱାଟ୍ସଆପ, ଇନଷ୍ଟାଗ୍ରାମ ପାଇ
ଗୁରୁତ୍ୱ ଦିଅନ୍ତିନି
ଆପୋଷ କଥାବାର୍ତ୍ତା ହେବା

ଦିନ ପରେ ଦିନ ଯାଏ ବିତି
ନା ଝଗଡା ନା ଅଶାନ୍ତି
ଧୀରେଧୀରେ ଛନ୍ଦ ପତନ
ବାହାରକୁ ସୁଖୀ ଦମ୍ପତି

ଦୁଇ ଆତ୍ମା ମଧ୍ୟେ
ଦୂରତ୍ୱ ଯୋଜନ ଯୋଜନ
ଅଦୃଶ୍ୟ, ଅଭେଦ୍ୟ ପାଚେରୀ
ନା ଶାରୀରିକ ସମ୍ପର୍କ ନା ମନର ମିଳନ

ଧୀରେ ଧୀରେ ପ୍ରଥମେ ବିଛଣା
ପରେ କୋଠରୀ ବଦଳିଯାଏ
ତଥାପି ସୁଖୀ ଦମ୍ପତି ବୋଲି
ଦୁନିଆ ଆଗେ ଡଙ୍କା ପିଟାଯାଏ

ପାରସ୍ପରିକ ବୁଝାମଣା ଅଭାବେ
ନିରସ ବୈବାହିକ ସମ୍ପର୍କ ସୃଷ୍ଟି ହୁଏ
ଶବ୍ଦ ନ ଥାଇ ସାରା ସଂସାରରେ
ନିଃଶବ୍ଦ ବିଚ୍ଛେଦ ହୋଇଯାଏ ।


+କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଅଙ୍ଗରୁଆ, ଜିଲ୍ଲା - କେଉଁଝର


## ଅବଶୋଷ

### ଦୀନବଂଧୁ ବେଜ

କବି ମାନେ କେମିତି ଏତେ ଶିଘ୍ର
ବାହୁଡ଼ି ଯାଆନ୍ତି ଅନ୍ତରୀକ୍ଷ କୁ,
ବେଉଷଣ ହେଉ ହେଉ କ୍ଷେତ
ଉଭୁରି ପଡ଼ିବା ପୂର୍ବରୁ
ଭରି ଯାଉଛି ଦେଖ ସେହି ଜନପଥ,

ବିଚ୍ଛୁରିତ ହେବା ପୂର୍ବରୁ
ଗର୍ଭିଣୀ ମାଣ୍ଡିଆ ଥୋଡ଼ ରୁ ବାସ୍ନା
ବିଂଚିବା ପୂର୍ବରୁ ଭୁରୁ ଭୁରୁ ଗନ୍ଧ
ପ୍ରକଟିତ ହେଉଛି ନୀଳ ଅବଶୋଷ ...
ସ୍ଥିର ହୋଇ ଯାଇଛନ୍ତି ସୂର୍ଯ୍ୟ ।

କବିତା ପିଇ ପିଇ କବି
ଆହରଣ କରିଥିବା ସାହିତ୍ୟ ନିର୍ଯ୍ୟାସ
ସାରା ସମୁଦ୍ରରେ ଛିଞ୍ଚି ବାକୁ
ଆକାଶରେ ଉଡିବାକୁ ଡେଣା ଲାଂଜ
ଖୋଜି ଥିଲ ହୋଇକି ନିର୍ଭିକ,
ଧନ୍ୟବାଦ ହେ କବି ଆସ୍ପର୍ଦ୍ଧା ପାଇଁ ।

ହେ ଶଙ୍କର .......
ଜଟାଜୁଟ ନରଖି ସାଜିଥିଲ ସନ୍ୟାସୀ
ପିଇ କରି ହଳା ହଳ ସାହିତ୍ୟର ବିଷ
ଅଫେରା ରାଜ୍ୟର ତୁମେ ଏବେ,
ତୁମ ଫେରନ୍ତା ବାଟର ପ୍ରତୀକ୍ଷାରେ
ଥିବେ ଅସଂଖ୍ୟ ସାହିତ୍ୟ ମଣିଷ ।


+ମାଲାକାନଗିରି, ଓଡ଼ିଶାଞ୍ଚ









# ମୁନୁର ଅଙ୍କ ପରୀକ୍ଷା

## ନଗେନ୍ଦ୍ର ନାଥ ପଟ୍ଟନାୟକ



ମୁନୁ ବୋଇଲେ ପିଲାଟିଏ । ପଢାବହିକୁ ଖାଲି ବଲବଲ ଆଖିରେ ବୋକାଙ୍କ ଭଳି ଚାହିଁ ରହିଥାଏ । ବହିର ଶବ୍ଦଗୁଡିକ ସାଙ୍ଗକୁ ଗୁପ୍ତ ସଙ୍କେତକୁ କେବଳ ପ୍ରତିଭାଧର ପିଲାଏ ବୁଝିପାରନ୍ତି । ମୁନୁର ଅଙ୍କ ପରୀକ୍ଷା ମୁଣ୍ଡ ଉପରେ; ଆଉ ମାତ୍ର ତିନିଦିନ ବାକି । ଅଲେଖା ନୋଟ୍‌ଖାତା ଭଳି ସେ ମସ୍ତିଷ୍କରେ ଶୂନ୍ୟତା ଅନୁଭବ କରୁଥିଲା ମୁନୁ ।

"ମୁଁ ଏଟାକୁ କଦାପି କରି ପାରିବିନି ।" ପଢାଟେବୁଲ ଉପରେ ମୁଣ୍ଡଥାପି ସେ ଚିତ୍କାର କରିଉଠିଲା ।

ତା'ର ଘନିଷ୍ଠ ସାଙ୍ଗ ରିଙ୍କୁ ଭିଡିଓକଲ୍ କରି କଥା କ'ଣ ବୋଲି ପଚାରିଲା ।

"ମୁଁ ଏକୁ ଜମା କରି ପାରିବିନି । ଆଲଜେବ୍ରା ବୁଝିବାରେ ମୋ ମୁଣ୍ଡ ବାଟବଣା ହୋଇଯାଉଚି ।" ମୁନୁ ମନଦୁଃଖରେ ବିଳପି ଉଠିଲା ।

"ତୁମେ କେବେ ପାଠପଢାର ଖସଡା ପ୍ରସ୍ତୁତ କରିବାକୁ ଚେଷ୍ଟା କରିଚ ?" ରିଙ୍କୁ ପଚାରିଲା । "ବହିକୁ ଜଳଜଳ ଆଖି ଯୋଡିକରେ ଖାଲି ଅନେଇ ରହିଲେ କାମ ଚଳିବନି। ଆମକୁ ଲୋଡା ଯୋଜନା ବା ରଣନୀତି ।"

ଦୁହେଁ ମେଳକ ହୋଇ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କଲେ: ଆଜିଦିନର ଅଙ୍କ ପାଇଁ



ଦୁଇଘଂଟା, ଆସନ୍ତାକାଲି ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟଗୁଡିକ ପାଇଁ ଶେଷଦିନ ସ୍ଥିରକଲେ । ସେ ଭିତରେ ବିରତି, ହାଲକା ଜଳଖିଆ ଖାଇବାର ବ୍ୟବସ୍ଥା ।

ପରଦିନ ମୁନୁକୁ ସାମାନ୍ୟ ଭଲଲାଗିଲା । ରଙ୍ଗିନ ପେନ୍‌ସିଲ ବ୍ୟବହାର କରି ସେ କୌଣସିମତେ ଆଲଜେବ୍ରାର ଜଟିଳ ପ୍ରଶ୍ନଗୁଡିକ ତଳେ ରେଖା ଟାଣିଲା । ଆଲଜେବ୍ରାଗୁଡିକ କଠିନ ପ୍ରଶ୍ନ ସବୁକୁ ଛୋଟ ଛୋଟ ସୋପାନରେ ବିଭକ୍ତ କଲା । ପ୍ରତିଥର ସେ ପ୍ରଶ୍ନଟିକୁ ଠିକ୍ ସେ ବୁଝିନେଲା ; ଆଉ ସଠିକ ଭାବେ ସମାଧାନ କରିବାରେ ସକ୍ଷମ ହେଲା ।

ପରେ ମୁନୁ ଆଉ ରିଙ୍କୁ ଦୁହେଁ ପରସ୍ପର ଭିଡିଓ କଲ୍ ଜରିଆରେ ବୁଦ୍ଧିପରୀକ୍ଷା କରିବାରେ ଲାଗିପଡିଲେ । ପରୀକ୍ଷା ହେବାର ଦିନକ ଆଗରୁ ମୁନୁ ବି ତା ଅଭ୍ୟାସ ଜାରି ରଖିଲା । ତା'ର ଆତ୍ମବିଶ୍ୱାସ ବଢିଚାଲିଲା । ସେ ଅଙ୍କ କଷିବାରେ ପଟୁ ନ ହେଲେ ବି ପୂର୍ବ ଅପେକ୍ଷା ଗଣିତ ବୁଝିପାରିଲା ।

ପରୀକ୍ଷା ଦିନ ଆସିଗଲା । ଦୀର୍ଘଶ୍ୱାସ ନେଇ ମୁନୁ ପ୍ରଶ୍ନପତ୍ର ଉପରେ ମନେନିବେଶ କଲା ।

ସେ ଯେପରି କଳ୍ପନା କରୁଥିଲା ପ୍ରଶ୍ନସବୁ ସେମିତି ତାକୁ ଡରାଉ ନଥିଲେ । ସେ ଯେତେବେଳେ ପରୀକ୍ଷାକକ୍ଷରୁ ବାହାରି ଆସିଲା , ଖିଲ୍‌ଖିଲ୍ ହସିବାକୁ ଲାଗିଲା ।

"ଭାବୁଚି, ମୁଁ ସବୁ ଠିକ କରିଚି !" ସେ ରିୟାକୁ ଉଦ୍ଦେଶ୍ୟରେ କହିଲା ।

"ଦେଖ ? ମହାଯୋଦ୍ଧା କେବେ ବି ଆତ୍ମ ସମର୍ପଣ କରେନାଇଁ ।" ସେ ବୁଝାଇ କହିଲା ।

ମୁନୁ ଦାନ୍ତ ଦେଖାଇ ଫକ୍‌କିନା ହସିଦେଲା ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡିଶା ସରକାର
ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ପାକେଇ ନାନୀ

## ଅନନ୍ତ କୁମାର ସେନାପତି

ପାକେଇ ନାନୀ ପାକେଇ ନାନୀ
କଅଣ ନେଉଛୁ କହ,
ଖଜା, ଉଖୁଡା, ମଟର ଚଣା
କିଣିବି ଟିକେ ରହ ।

ଖଜା ହୋଇଥିଲେ ନରମ ତୁଳା
ଖାଇବେ ଅଜା ମୋର,
ବାପା ଖୋଜନ୍ତି ମଟର, ଚଣା
ଦାନ୍ତ କୁ ନାହିଁ ଡ଼ର ।

ମାଆଙ୍କ ପାଇଁ ଦେବୁକି କହ
ଗୋଟା ବାଦାମ ଭଜା,
ଆଈ କହନ୍ତି ମୁଢି ସହିତ
ନଡ଼ିଆ ଖଣ୍ଡ ମଜା ।

ବରା, ଘୁଗୁନି ଆଣୁନୁ କାହିଁ
ଆଜି ବି ମନେ ପଡେ,
ତୋ ଡ଼ାକ ଶୁଣି ଆମ ଓଠରୁ
ଲାଳ ଯେ କେତେ ଝରେ ।

ମୋ କଥା ଶୁଣି ପାକେଇ ନାନୀ
ପଛ କୁ ଦେଲା ଚାହିଁ,
କହିଲା ହସି ଧନ ରେ ମୋର
ଆଉ ସେକାଳ ନାହିଁ ।

ପାରୁନି ଭାଜି, ଚଣା, ମଟର
ନାହିଁ ଘୁଗୁନି, ବରା,
ବୟସ ମୋର ଟପିଲା ଅଶି
କାହୁଁ ବଞ୍ଚିବି ପରା ।

ପାକେଇ ନାନୀ ପାକେଇ ନାନୀ
ସେକଥା କୁହ ନାହିଁ,
ନ ଦିଅ ପଛେ ଚଣା, ମଟର
ଥାଅ ପାଖରେ ରହି ।

ଆଜି ବି ମୁହିଁ ପାରୁନି ଭୁଲି
ଖଜା, ଉଖୁଡା କଥା,
ପାକେଇ ନାନୀ ଶରଧା ପାଖେ
ନଇଁଯାଏ ମୋ ମଥା ।

+ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

# ଶୀତର ଗୀତ

## ପ୍ରଶାନ୍ତ କୁମାର ଦାଶ

ନାହିଁ ଖରା ତାତି ଗରମର ଦାଉ
ସବୁଠି କାଲୁଆ ଶୀତ
ସକାଳୁ ଉଠିକି ନିଆଁ ପୋଇଁ ପିଲେ
ଗାଇଲେଣି ବସି ଗୀତ ।।

କିସୁନ୍ଦର ଦିଶେ ଫୁଲର ବଗିଚା
ଉଡିଲେଣି ପ୍ରଜାପତି
କୁହୁଡି ଘୋଡାଏ ବାଟଘାଟ ସବୁ
ପାହିବା ଆଗରୁ ରାତି ।।

ଶିରି ଶିରି ବୋହେ ଉତ୍ତରା ପବନ
ଥରିଉଠେ ଦେହ ହାତ
ତଥାପି କ୍ଷେତକୁ ଯାଏ ଚାଷୀଭାଇ
ଖାଇକି ପଖାଳଭାତ ।।

ନିଦରୁ ଉଠିକି ଡାକନ୍ତି ପିଲାଙ୍କୁ
ଖୁସୀରେ ନିତେଇ ଅଜା
ବ୍ୟାୟାମ କରିବେ ସଡ଼କେ ଚାଲିବେ
କରିବେ ମଉଜ ମଜା ।।

ରାତି ବଢ଼ିଗଲେ ଚିନ୍ତା ବଢିଯାଏ
ହୁଏ ଥଣ୍ଡା କାଶ ଜର
ବୁଢ଼ା ବୁଢୀଙ୍କର ନିଆଁକୁ ଆଦର
ଶୀତକୁ ଲାଗଇ ଡର ।।

ଶୀତସିନା ଦିଏ ଶୀତଳ ପରଶ
ବରଷକେ ଥରେ ଆସି
ନୂଆ ଫୁଲ ଫଳ କରିବାକୁ ଚାଷ
ସପନ ଦେଖଇ ଚାଷୀ ।।

+କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

# ହେ ଶିଶୁ ତୁମେ

## ସରୋଜ କୁମାର ପଣ୍ଡା

ହେ ଶିଶୁ ତୁମେ ସୁଗନ୍ଧ କୁସୁମ
ମାଟି ମାଆର ମହକ
ଭାରତ ମାତାର ସୁଯୋଗ୍ୟ ସନ୍ତାନ
ଦେଶ ପ୍ରେମର କୁହୁକ ।

ଭଗବାନଙ୍କର ସୁନ୍ଦର ସୃଷ୍ଟିରେ
ତୁମେ ଅମୃତର ଧାରା
ସରଳ ନିଷ୍ପାପ ହସରେ ତୁମର
ଉଲ୍ଲସିତ ହୁଏ ଧରା ।

ତୁମର ସ୍ୱଭାବ ନିରୀହ ସରଳ
ତୁମେତ ସାଗର ନୀର
ନିରୀହ ଜୀବନ ସତ୍ୟ ସୁନ୍ଦର
ତୁମେ ଆଶା ଆଲୋକର ।

ତୁମେତ ଲଢୁଆ ସାହସୀ ସନ୍ତାନ
ଗର୍ବ ଗାରୀମାର ତତ୍ତ୍ୱ
ଅସୀମ ଶକ୍ତିର ଉତ୍ସ ତୁମେତ
ଦୁର୍ଗମ ଶିଳାର ପଥ ।

ତୁମେ ବର୍ତ୍ତମାନ ତୁମେ ଭବିଷ୍ୟତ
ଯଶ କୀର୍ତ୍ତି ଓ ଗୌରବ
ସତ୍ୟ ଭାବନାର ତୁମେ ରୂପାନ୍ତର
ମାଟି ମାଆର ବିଭବ ।

ଗାନ୍ଧୀ ଗୋପବନ୍ଧୁ ସୁଭାଷ ବୋଷ
ସର୍ବେ ଆମ ବଂଶଧର
ରଘୁ ଦିବାକର ବାଜି ଓ ଭଗତ୍
ରକତେ ଗଢ଼ା ଶରୀର ।

ବିବେକାନନ୍ଦଙ୍କ ଦାୟଦ ଆମେରେ
ଭାବନା ଆମ ମହାନ
ରାମ ବୁଦ୍ଧ ଆଲ୍ଲା ଯୀଶୁ ଏବଂ ଜୈନ
ସଭିଏଁ ତ ଭଗବାନ ।

ହେ ଶିଶୁ ତୁମେ ଜାତି ବିଶ୍ୱକର୍ମା
ଗଢ଼ହେ ଧର୍ଯ୍ୟ କୋଣାର୍କ
ଆତ୍ମ ସଂଯମତା ତ୍ୟାଗ ପରିଶ୍ରମ
ବଳରେ ରଖିବ ଟେକ ।

ଦୟା କ୍ଷମା ଗୁଣ ଦାୟୀତ୍ୱ କର୍ତ୍ତବ୍ୟ
ଆମେ କି ଗଲେଣି ଭୁଲି ?
ଶରସ ସୁନ୍ଦର ଶିଶୁର ଜୀବନ
ଦେଉଛେ ବିପଦେ ଠେଲି ।

ବିକଶିତ ଦେଶେ ଶିଶୁର ଜୀବନ
ବିପଦ ଅସୁରକ୍ଷିତ
ନାବାଳିକାର ବଳାତ୍କାର ହତ୍ୟା
ଲଜ୍ୟା ଆଉ ଅନୁତପ୍ତ ।

ଶିଶୁ ଶ୍ରମିକର ଅକୁହା ବେଦନା
ମନେ ଆଣେ ଆମ ଭୀତି
ଗଣତନ୍ତ୍ର ରାଷ୍ଟ୍ରେ ଶିଶୁର ବିକାଶ
ପଥ ହରା ଆଜି ନୀତି ?

ହେ ଭବିଷ୍ୟତ କର କୁସୁମିତ
ଶିଶୁଙ୍କର ଚଲାପଥ
ସତ୍ୟ ଧର୍ମ ପଥେ ହୋଇ ପଥଚାରୀ
ହସି ଉଠୁ ଏ ଜଗତ ।

+ମଧ୍ୟଖଣ୍ଡ, ନୟାଗଡ଼
ମୋ: ୭୮୯୪୫୮୮୩୩୮

# ବିଲୁଆ ନ୍ୟାୟ୍ ପାଇଲା

## ରମେଶ ଚନ୍ଦ୍ର ଦାଶ



ଦିନେ ବିଲୁଆ ଓ ହାତୀର କଳି ଲାଗିଲା । ସେମାନେ କଳି ତୁଟାଇବାକୁ ନାଗସାପ ପାଖକୁ ଗଲେ । ନାଗସାପ ଦେଖିଲା ସତ କହିଲେ ତା ପାଇଁ ବିପଦ । କିନ୍ତୁ ମିଛ କହିବାକୁ ତାର ବିବେକ ବାଧା ଦେଲା । ଏହି ଧର୍ମ ସଙ୍କଟ ସମୟରେ ସେ ଭାଲୁର ସାହାଯ୍ୟ ନେବାକୁ ଚିନ୍ତାକରି ତା ପାଖରେ ପହଞ୍ଚିଲା । ନାଗସାପକୁ ଭାଲୁର ଗୁଣ ବିଷୟରେ ବେଶୀ ଜଣାନାହିଁ । ସେ ତେଣୁ ସଙ୍ଗେ ସଙ୍ଗେ ହାତୀ ବଡ଼ ପ୍ରାଣୀଟେ ଭାବି ତା ସପକ୍ଷରେ କହିଲା । ସେ କହିଲା- ବଡ଼ମାନଙ୍କୁ ସମ୍ମାନ ଦେବା ସମସ୍ତଙ୍କର କର୍ତ୍ତବ୍ୟ । ଏଥିପାଇଁ ବିଲୁଆର ସବୁ ଭୁଲ୍ । ସେ ଦଣ୍ଡ ଭୋଗିବା ଉଚିତ୍ । ଭାଲୁର କଥା ଅନୁସାରେ ନାଗସାପ ବିଲୁଆକୁ ଦୋଷୀକଲା । ତାକୁ ଦଣ୍ଡ ସ୍ୱରୂପ ଜଙ୍ଗଲର ରାତି ଜଗୁଆଳି କାମ କରିବାକୁ କହିଲା ।

ବିଲୁଆ ତା କଥା ମାନିଲା । ସେ ରାତିରେ ଏତେ ଜୋର୍‌ରେ ରାତିସାରା ଭୁକିଲା ଯେ ବଣରେ କେହି ଶୋଇପାରିଲେ ନାହିଁ । ନାଗସାପ ଏପରି ଆଦେଶ ଦେଇଥିବାରୁ ସମସ୍ତେ ତା ଦୁଆରେ ଗଦାହେଲେ । ତାକୁ ଗାଳିକଲେ । ଏଥର ସେ ବିଲୁଆକୁ ଡାକି ଏପରି ନକରିବାକୁ କହିଲା । ତାର କଥା ଶୁଣି ବିଲୁଆ କହିଲା- ମୁଁ ଆଉ ସେଥିରୁ ଓହରି ପାରିବି ନାହିଁ । ଏହା ମୋର ଅଭ୍ୟାସରେ ପରିଣତ ହୋଇଗଲେଣି । ଏହା ନକଲେ ମୋର ଦେହ ଖରାପ ହେବ । ଏଥର ନାଗସାପ ଆହୁରି ଅଡୁଆରେ ପଡ଼ିଲା । ସେ ପୁଣି ଭାଲୁକୁ ଏକଥା ଜଣାଇଲା । ଭାଲୁ ତାର ମତ ବଦଳାଇ କହିଲା- ଯୁକ୍ତିଯୁକ୍ତ କାରଣ ନଦର୍ଶାଇ ପାରିଲେ ବଡ଼ମାନେ ବି ଦୋଷୀ ହୋଇପାରିବେ । ହାତୀ ଯୁକ୍ତିଯୁକ୍ତ କଥା ନକହିପାରିବାରୁ ତାକୁ ଦୋଷୀ କଲା ନାଗସାପ । ବିଲୁଆକୁ ଏକଥା ଜଣାଇବାରୁ ସେ କହିଲା, "ଏଥର ମୁଁ ଠିକ୍ ନ୍ୟାୟ ପାଇଲି । ତେଣୁ ମୋର ଅଭ୍ୟାସରେ ମୁଁ ସାମାନ୍ୟ ପରିବର୍ତ୍ତନ କରୁଛି । ରାତିରେ ସମୟେ ସମୟେ ମୁଁ ଭୁକିବି, ପୂରା ରାତିସାରା ନୁହେଁ ।" ଏହାପରେ ସବୁ ପ୍ରାଣୀ ଶାନ୍ତ ହେଲେ । ବଡ଼ମାନେ ଦୋଷ କରିବାକୁ ପଛେଇଲେ । ହାତୀ ସମସ୍ତଙ୍କୁ ନିଜ ଭୁଲ ପାଇଁ କ୍ଷମା ମାଗିଲା ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨,
ପୁରୀ
ଫୋନ୍-୯୭୭୬୨୩୮୫୨୨

# ବଣଭୋଜି

## ଜଗନ୍ନାଥ ନାୟକ

ବଣକୁ ଯିବା ଭୋଜି କରିବା
ଖାଇବା ସବୁ ବସି,
ନାଚ ଗୀତରେ ମନ ଖୁସିରେ
ଗଡ଼ିବା ହସି ହସି ।

ଖେଳିବା ଦୋଳି ତୋଳିବା କୋଳି
ସଭିଏଁ ମିଳିମିଶି,
ରଙ୍ଗ ବେରଙ୍ଗ ଫୁଲ ତୋଳିବା
ମନ ହୋଇବ ଖୁସି ।

ଫୁଲରୁ ଫୁଲ ଉଡ଼ି ଉଡ଼ିକା
ଯାଏ ପରଜାପତି ,
ତାକୁ ଧରିବା ପାଇଁ ସଭିଏଁ
ଧାଇଁବା ତାର କତି ।

ସବୁଜିମାରେ ପୁରିଛି ବଣ
ମନକୁ ନିଏ ମୋହି,
କୁଲୁ କୁଲୁ ତା'ଝରଣା ସ୍ୱର
ସଭିଙ୍କୁ ଦିଏ କହି ।

ଶୀତ ଆସିଲେ ପ୍ରତି ବରଷ
କରନ୍ତି ବଣଭୋଜି,
ସବୁରି ମନେ ଖୁସି ଆଣଇ
ତେଜଇ ଦୁଃଖ ରାଜି ।

+ସରିଫପୁର, ଭଦ୍ରକ
ମୋ : ୯୯୩୭୯୨୨୬୨୫

# ବୁଦ୍ଧି ହୁଏ ବାଟ ବଣା

## ସୁବ୍ରତ ଦାସ

ଦେଖିଲା ବଗ ବଗୁଲି କୁ ଦିନେ
ବସିଛି ନଦୀ କୂଳେ
ପଚାରିଲା ଯାଇ ବସିଛୁ କାହିଁ ଲୋ
ଏକାନ୍ତ ନିରୋଳାରେ ।

କହିଲା ବଗୁଲି, ମନେ ସରାଗ ନାହିଁ
ବସିଛି ଏହି ଠାରେ
ପିଲା ଛୁଆ ମୋର ଭୋକରେ ଅଛନ୍ତି
ଖାଇବା ଅପେକ୍ଷାରେ ।

ବଗଟି କହିଲା , ପାଗିଳି ବଗୁଲି
କାହିଁ କରୁ ମନ ଉଣା
ଅଭାବ କଷଣ ଲାଗି ରହିଲେ
ବୁଦ୍ଧି ହୁଏ ବାଟ ବଣା ।

ନଦୀ , ନାଳ ର ଜଳ ଶୁଖି ତ ଗଲେ
ପୋଖରୀ ହୁଡ଼ା କୁ ଯିବା
ଲକ୍ଷ ରଖି ଜଳେ ବୁଡ଼ ଟେ ମାରି
ମୀନ ଧରି ଉଡ଼ିଯିବା । ।

+ରାଜେନ୍ଦ୍ରପୁର,ବାରିକପୁର
ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

# ତୁମ କଲମରୁ...

## କାର୍ତ୍ତିକ ମହାତ୍ମ୍ୟ

### କୁମୁଦିନୀ ଘି

ବୈଶାଖ ଜ୍ୟେଷ୍ଠରେ ଆହା କି କଷ୍ଟରେ
ଜୀବଗଣ ହନ୍ତସନ୍ତ
ଆଷାଢ଼ ଶ୍ରାବଣ ବର୍ଷେ ଘନଘନ
ସର୍ବଜୀବ ଆହ୍ଲାଦିତ ।

ଭାଦ୍ର ଆଶ୍ୱିନରେ କି ଶୋଭାବନରେ
ନିରିମଳ ଆକାଶଟି
କାର୍ତ୍ତିକ ଆସିଲେ ସମସ୍ତେ ହସିଲେ
ସୁନ୍ଦର ଦିଶେ କି ସୃଷ୍ଟି ।

ଘାସ ପତରରେ ଶିଶିର ବିନ୍ଦୁ
ମୁକ୍ତାସସ ଝଲମଲ
ଗାଧୁଆ ତୁଠରେ ପାହାନ୍ତି ପ୍ରହରେ
ହୁଳହୁଳି ହରିବୋଲ ।

ମଉସା ମାଉସୀ ପିଉସା ପିଉସୀ
ମା' ମନେ ସାତ୍ତ୍ୱିକ ଭାବ
ହବିଷ ଖାଇ କି ଭବିଷ ପାଇଁ କି
ଆଚରନ୍ତି ଭକ୍ତି ଯୋଗ ।

ଯିବେ ଦୟା ବହି ଆମିଷ ଦୂରେଇ
ପାଳନ୍ତି ନାନାଦି ବ୍ରତ
ପୂନେଇ ଆସିଲା ବୋଇତ ଭାସିଲା
ଆ କା ମା ଗୁଞ୍ଜରିତ ।

ପାନ ଗୁଆ ଥୋଇ ତିଳ ଦାନ ଦେଇ
ଶରଧାରେ ଶ୍ରାଦ୍ଧ କରି
ମନ୍ଦିରେ ମନ୍ଦିରେ ଖନ୍ଦାରେ ରାନ୍ଧିଲେ
ପଞ୍ଚୁକ ଖିରୀ ଖେଚୁଡ଼ି ।

ଭାରି ଭଲଲାଗେ ବାଲି ଯାତରାରେ
ବୁଲି ବୁଲି ଖାଇ ପିଇ
ଉତ୍କଳର ନୋଉ ବାଣିଜ୍ୟ ଅତୀତ
ଇତିହାସ କଥା କହି ।

ପଞ୍ଚୁକରେ ହୁଏ ନାନା ଦି ଆସର
ଜମିଯାଏ ନାଚ ଗୀତ
ସମସ୍ତ ଅନ୍ତର ଭକ୍ତିରେ ବିଭୋର
ଶୁଣି କାର୍ତ୍ତିକ ମହାତ୍ମ୍ୟ ।

+ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ଼, କଳାହାଣ୍ଡି - ୭୬୬୦୧୪

# ସୁକର୍ମ ଫଳ

## ପ୍ରତିଭା ଦାଶ

ନୁହେଁ କିଛି ସ୍ଥାୟୀ ମଣିଷ ଜୀବନେ
କାହିଁକିରେ କରୁଛୁ ଗର୍ବ
ଧନ ଜୀବନ ଯୌବନ କ୍ଷଣସ୍ଥାୟୀ
ଦୁଇ ଦିନରେ ହୁଏ ଖର୍ବ ।

କେତେ ଦିନ ତୋର ରହିବ ବଳ
ଦେଖାଇବୁ ତୁ ଯେ ସାହସ
ଯେବେ ଯୌବନ ତୋର ଯିବ ଚାଲି
ପାଇବୁ ଯମ ହାତେ ଫାଶ ।

ଯେତେ ପାପ ଜୀବନେ ଅରଜିଥିବୁ
ମିଳିବ ସବୁ ଏଇ ଜନ୍ମେ
ନାହିଁ କେଉଁଠି ଯମପୁର ଆଉ ତ
ପାପ ଫଳ ମିଳେ ଏ ମର୍ତ୍ତ୍ୟେ ।

ଭଲ ମନ୍ଦର ବିଚାର କରି ତୁହି
ସୁକର୍ମ କରି ଚାଲୁ ଥାଅ
ଅନ୍ୟାୟ ଅତ୍ୟାଚାରକୁ ରଖି ଦୂରେ
ସୁସଙ୍ଗ ସଙ୍ଗେ ମିଶୁଥାଅ ।

ଭଲ କର୍ମ ନରକୁ କରେ ସଫଳ
ସୁନାମ ମିଳଇ ଜଗତେ
ଦୃଷ୍ଟାନ୍ତ ହୁଅନ୍ତି ଶିଶୁ ଶିକ୍ଷା ପାଇଁ
କରନ୍ତି ଅନୁସରଣ ସତେ ।

+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ତୁମେରପାଣି, ଜିଲ୍ଲା - ନୂଆପଡ଼ା
ମୋ:-୭୮୯୪୫୨୮୪୯୩

# କାର୍ତ୍ତିକ ଧରମ ଡଂଗା

## ରାମଚନ୍ଦ୍ର ବେହେରା

କାର୍ତ୍ତିକ ପୁନେଇଁ ଶୁଭ ସକାଳରେ
ନଈକୂଳେ ମେଳି ହୋଇ
ଧରମ ଡଂଗାକୁ ଭସାଇବେ ଜନେ
ପୂଣ୍ୟ ହୁଳହୁଳି ଦେଇ ।

କଦଳୀ ପଟୁଆ ପବିତ୍ର ଡଂଗାରେ
ଧରମ ସଳିତା ଜାଳି
ପାନ ଗୁଆ ଥୋଇ ବନ୍ଦାପନା ସାରି
ଶ୍ରଦ୍ଧାରେ ଦେବେ ମେଲାଣି ।

ସଳିତା ଆଲୋକେ ଡଂଗା ଭାସୁଥିବ
ନଈର ପବିତ୍ର ଜଳେ
ଆ..କା..ମା..ଗୀତ ଗାଉଥିବେ ସର୍ବେ
ସରାଗରେ ଏକ ତାଳେ ।

ସୂକ୍ଷ୍ମ ପଟ୍ଟବସ୍ତ୍ର ଅନ୍ୟ ପଣ୍ୟ ଦ୍ରବ୍ୟ
ବାଲି ସୁମାତ୍ରାକୁ ନେଇ
ଉତ୍କଳର ନାମ ଉଚ୍ଚ କରିଥିଲେ
ଆମରି ସାଧବ ଭାଇ ।

ବୀର ସାଧବଂକ ସାହସିକତାକୁ
ଅମର ରଖିବା ପାଇଁ
ବୋଇତ ବନ୍ଦାଣ ପରବ ରାଇଜେ
ପାଳନ୍ତି ଭଉଣୀ ଭାଇ ।

ଧର୍ମ ପୁନେଇଁର ଶୁଭ ଲଗନରେ
ଭକ୍ତିଭାବ ହୃଦେ ବହି
ଧରମ ଡଂଗାକୁ ଭସାଇବା ସର୍ବେ
ଶରଧାରେ ଗୀତ ଗାଇ ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଧରଣୀଧର ବିଶ୍ୱବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

କେନ୍ଦୁଝର, ୩୧/୧୦ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ଏନଇଏଚ ୫ ସଭାଗୃହରେ 'ଦୁର୍ନୀତି ନିବାରଣ ଆମ ସାମୁହିକ ଦାୟୀତ୍ୱ 'ଶୀର୍ଷକ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ ସ୍ନାତକୋତର ପରିଷଦର ଅଧକ୍ଷ ଡ଼କ୍ଟର ପ୍ରଭୁ ପ୍ରସାଦ ଦାସ। ସେ ତାଙ୍କ ଅଭିଭାଷଣରେ କହିଥିଲେ, ଦୁର୍ନୀତି ଆମ ବିକାଶର ପଥରୋଧ କରୁଛି ଓ ନିଜ ସ୍ତରରେ ଦୁର୍ନୀତିକୁ ପ୍ରଥମେ ହଟାଇଲେ ଦେଶର ପ୍ରଗତି ହୋଇପାରିବ। ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ କେନ୍ଦୁଝର ଭିଜିଲାନ୍ସ ବିଭାଗ ଡିଏସପି ସୁଧାଂଶୁ ଶେଖର ପୂଜାରୀ। ସେ ତାଙ୍କ ଅଭିଭାଷଣରେ କହିଥିଲେ ଭିଜିଲାନ୍ସ ବିଭାଗ ତା'ର କାର୍ଯ୍ୟ ନିଷ୍ଠାର ସହ କରୁଛି। ଆପଣ ମାନେ ଆମକୁ ଅବଗତ କଲେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବୁ। ଏଥିସହିତ ନିଜ ନିଜ କ୍ଷେତ୍ରରେ ଦୁର୍ନୀତିକୁ ପରିହାର ପାଇଁ ସେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ଯୋଗଦେଇ ତାଙ୍କ ଅଭିଭାଷଣରେ ଦୁର୍ନୀତିର ମୂଳ ଉତ୍ପାଟନ ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ଜିଲ୍ଲା ସ୍ତରୀୟ ଇଂରାଜୀ ଓ ଓଡ଼ିଆରେ ବକ୍ତୃତା ପ୍ରତିଯୋଗିତା ୨୮-୧୦-୨୦୨୫ ରେ ଅନୁଷ୍ଠିତ ହୋଇଯାଇଛି। କୃତି ପ୍ରତିଯୋଗୀ ମାନଙ୍କୁ ୧-୧୧-୨୦୨୫ ରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ସ୍ତରୀୟ ସଭାରେ ଭିଜିଲାନ୍ସ ବିଭାଗ ତରଫରୁ ପୁରସ୍କାର ପ୍ରଦାନ କରାଯିବ। ସଭାରେ ବିଶ୍ୱବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଦୁର୍ନୀତି ନିବାରଣ ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମର ସ୍ୱାଗତ ଭାଷଣ ଡ଼କ୍ଟର ଅନୁପମା ଦାସ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ବିଜୟ କୁମାର ବେହେରା ଓ ଧନ୍ୟବାଦ୍ ଅର୍ପଣ କରିଥିଲେ କାର୍ଯ୍ୟକ୍ରମର ସଂଯୋଜକ ଦୀନେଶ ମହାରଣା।

# ବିଶିଷ୍ଟ ସମବାୟବିତ୍ ପଦ୍ମଚରଣ ନାୟକଙ୍କ ସ୍ମୃତିସଭା

କେନ୍ଦ୍ରାପଡା, ୩୧/୧୦ (ନି.ପ୍ର): ବିଶିଷ୍ଟ ରାଜନେତା ସ୍ୱର୍ଗତ ପଦ୍ମ ଚରଣ ନାୟକଙ୍କ ଦଶତମ ଶ୍ରଦ୍ଧାଞ୍ଜଳୀ ସଭା ଗୁଲନଗର ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତିସଭାକୁ ପଦ୍ମ ଚରଣ ନାୟକ ସ୍ମୃତି କମିଟିର ସଭାପତି ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀଙ୍କ ସଭାପତିତ୍ୱରେ ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ, ଅର୍ବାନ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି, ପୂର୍ବତନ ବିଧାୟିକା ଡଃ ସିପ୍ରା ମଲିକ୍, କମ୍ୟୁନିଷ୍ଟି ନେତା ଗୟାଧର ଧଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କେନ୍ଦ୍ରାପଡାର ସମବାୟ ଆନ୍ଦୋଳନକୁ ଲୋକପ୍ରିୟ କରିବାସହିତ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ଦିଗରେ ଯିଏ ଆଗୁଆ ଥିଲେ । ସେମାନଙ୍କ ମଧ୍ୟରେ ସ୍ୱର୍ଗତ ନାୟକଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଥିଲା । ତାଙ୍କର ନିଷ୍ଠାପର ଉଦ୍ୟମରେ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ, ବଳଦେବଜୀଉ ଶିକ୍ଷାତାଲିମ ମହାବିଦ୍ୟାଳୟ, ଆଇନ୍ ମହାବିଦ୍ୟାଳୟ, ଗୁଲନଗର ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ଆଦି ବହୁ ଅନୁଷ୍ଠାନ ପ୍ରତିଷ୍ଠା ଲାଭ କରିଥିଲା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ସ୍ମୃତି କମିଟିର ସମ୍ପାଦକ ବରିଷ୍ଠ ଆଡଭୋକେଟ୍ ସରୋଜ ରାଜ ସିଂହ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, କାହ୍ନୁ ଚରଣ ଦାସ, ଶିବପ୍ରସାଦ ଭୋଳ, ସୁଶିଲ କୁମାର ସାମଲ, ଚିନ୍ମୟ ପ୍ରସାଦ ବେହୁରା, ଡଃ ବାସୁଦେବ ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ଫକିର ଚରଣ ଖଟୁଆ, ହେମନ୍ତ କୁମାର ଜେନା, ବିଧୁ ଭୁଷଣ ମହାପାତ୍ର, ଅବନ୍ତୀ ବେହେରା, ସରୋଜ କୁମାର ସାହୁ, ସଂଗ୍ରାମ ମଲିକ, ଗିରିଶ୍ ପାତ୍ର, ଆଲୋକ କୁମାର ସାହୁ, ଅଭିମନ୍ୟୁ ନାୟକ, ତପନ କୁମାର ସିଂ, ଧିରେନ୍ କୁମାର ସାହୁ, ରଞ୍ଜନ ବାବୁ, ବିଜୟ କୁମାର ସାମଲ,ଶରତ କୁମାର ବେହୁରା, କୁମୁଦିନୀ ସାହୁ, ରବିନ୍ଦ୍ର ନାଥ ରଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶ୍ରୀ ନାୟକଙ୍କ ସ୍ମୃତିଚାରଣ କରିଥିଲେ । ସଭା ଆରମ୍ଭରୁ ଉପେନ୍ଦ୍ର କୁମାର କରଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା । ଭରତ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ମୁକ୍ତାର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳମଣି ନାୟକ, ପ୍ରଶାନ୍ତ କୁମାର ନାୟକ, ରାଜୁ କୁବେର ଓ ସ୍ମୃତି କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଗୁଲନଗର ଉଚ୍ଚ ବିଦ୍ୟାଳୟ ପ୍ରିୟଦର୍ଶିନୀ ତାରଇ, ପ୍ରଧାନ ଶିକ୍ଷୟିତ୍ରୀ ଗୁଲନଗର ବାଳିକା ଉଚ୍ଚ ବିଦ୍ୟାଳୟ ରାଜଶ୍ରୀ ସାହୁ, ଗୁଲନଗର ବାଳିକା ଓ ଗୁଲନଗର ଉଚ୍ଚ ବିଦ୍ୟାଳୟର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ । ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ଉଚ୍ଚବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଉଦ୍ଭିଦ ବିଜ୍ଞାନ ବିଭାଗରେ ଆଲୋଚନା ଚକ୍ର

ଘଟଗାଁ, ୩୧/୧୦ (ନି.ପ୍ର): ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଉଦ୍ଭିଦ ବିଭାଗରେ ଆଲୋଚନାଚକ୍ର ଡ଼କ୍ଟର ପ୍ରଣତି ଭୂୟାଙ୍କ ତତ୍ତ୍ୱାବଧାନରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରରେ ବରିଷ୍ଠ ଅଧ୍ୟାପକ ଡକ୍ଟର ଉପେନ୍ଦ୍ର କୁମାର ସାହୁ, ଅଧ୍ୟାପିକା ମନୀଷା ପ୍ରଧାନ, ବିଜ୍ଞାନ ସହାୟକ ରଞ୍ଜନ କୁମାର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଆଲୋଚନା ଚକ୍ରରେ ଶେଷବର୍ଷର ଛାତ୍ର ପଙ୍କଜ କୁମାର ମହାନ୍ତ ଅଂଶ ଗ୍ରହଣକରି ପ୍ଲାଂଟଗ୍ରୋଥ ରେଗୁଲେଟର ସନ୍ଦର୍ଭ ଉପରେ ଉପସ୍ଥାପନା କରିଥିଲେ ।

# ଭିତ୍ତିଭୂମି ନ ଯୋଗାଇବା ପର୍ଯ୍ୟନ୍ତ ୟୁଏଏସ ଲାଗୁ ନ କରିବାକୁ ଦାବି

ଜୟପୁର, ୩୧/୧୦ (ନି.ପ୍ର): ଭିତିଭୁମି ନ ଯୋଗାଇବା ପଯ୍ୟନ୍ତ ୟୁଏଏସ ଲାଗୁ ନ କରିବାକୁ ଆଜି ଜୟପୁର ପ୍ରାଥମିକ ଶିକ୍ଷକଙ୍କ ଦାବି କରିଛି । ଏନେଇ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ସଂଘ ସଭାପତି ଦେବି ପ୍ରସାଦ ଦାସ ଓ ସମ୍ପାଦକ ପ୍ରଦିପ କୁମାର ମିଶ୍ର ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଶିକ୍ଷକ ମାନେ ଅନେକ ଅଣଶିକ୍ଷାଦାନ ତଥା ସମସ୍ତ କାଯ୍ୟକୁ ଅନ ଲାଇନ ମାଧ୍ୟମରେ କରୁଛନ୍ତି । ରାଜ୍ୟରେ ୬୦ ଭାଗ ବିଦ୍ୟାଳୟକ୨ ଜଣ ଶିକ୍ଷକରେ ଚାଲୁଛି । ତେଣୁ ବୋଝ ଉପରେ ନଳିତା ବିଡା ଭିଳି ପୁଣି ୟୁଏଏସ ଲାଗୁ କରିବାକୁ ବାଧ କରାଯାଉଛି । ଉପଯୁକ୍ତ ଭିତି ଭୁମି ତଥା ଲାପଟେପ, ନେଟ ପେକ, ସିମ କାର୍ଡ ଏବଂ ଶିକ୍ଷକ ନିଯୁକ୍ତି ନଦେବା ପଯ୍ୟନ୍ତ ଏହାକୁ କାଯ୍ୟକାରି ନକରିବାକୁ ଫେଡରେସନ ତରଫରୁ ଦୁର୍ଘ ଦିନ ଧରି ଦାବି କରାଯାଇଛି। ତେଣୁ ଶିକ୍ଷକ ମାନଙ୍କର ସମୁହ ସ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ଭିତିଭୂମି ନ ଯୋଗାଇବା ପଯ୍ୟନ୍ତ ୟୁଏଏସ କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଉ।

# ମାଲକାନଗିରି ଜିଲ୍ଲା କେବେ ହେବ ଗଞ୍ଜେଇ ମୁକ୍ତ ?

ମାଲକାନଗିରି, ୩୧/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ପାଲଟିଛି ଗଞ୍ଜେଇ ଚାଷ ପାଇଁ ସୁରକ୍ଷିତ ଅଂଚଳ । ବେଫିକର ଭାବେ ଏଠି ଗଞ୍ଜେଇ ଚାଷ କରୁଛନ୍ତି ବାହାର ରାଜ୍ୟର ମାଫିଆ। ଧରାପଡୁଛନ୍ତି ଆଦିବାସୀ କିନ୍ତୁ ମାଫିଆ ହେଉଛନ୍ତି ମାଲେମାଲ୍। କେମିତି ମାଲକାନଗିରିରେ ଚେର ଜମାଇ ଚାଷ ହେଉଛି ଗଞ୍ଜେଇ। ଧାଡ଼ି ଧାଡ଼ି ହେଇ ପୋତା ହେଉଛି ଗଞ୍ଜେଇ ଗଛ ନା କାହାକୁ ଡର, ନା କାହାକୁ ଭୟ, ଶହ ଶହ ହେକ୍ଟର ଜମିରେ ହେଉଛି ଚାଷ । ପାହାଡ଼ ପର୍ବତ ଘେରା ପ୍ରକୃତି କୋଳରେ ଥିବା ମାଲକାନଗିରି ଜିଲ୍ଲା ଏବେ ପାଲଟିଛି ଗଞ୍ଜେଇ ଚାଷ ପାଇଁ ସୁରକ୍ଷିତ ସ୍ଥାନ । ଗଞ୍ଜେଇ ମାଫିଆଙ୍କ ଭୂସ୍ୱର୍ଗ ହେଉଛି ମାଲକାନଗିରି। ଏବେ ଗତ କିଛି ବର୍ଷ ଧରି ମାତିଛନ୍ତି ବାହାର ରାଜ୍ୟର ମାଫିଆ। ଓଡ଼ିଶା ବାହାରେ ବସି ଏଠି ଚଲାଇଛନ୍ତି ଗଞ୍ଜେଇ ରାଜ୍। ଜିଲ୍ଲାରେ ବସବାସ କରୁଥିବା ଲୋକଙ୍କୁ ହାତ କରି ସେମାନଙ୍କୁ କାମରେ ଲଗାଇ ଏହି ବେଆଇନ କାରବାର ଚାଲୁଛି। ଏପରିକି ଉନ୍ନତମାନର ବିହନ ଆଣି ଏହାକୁ ଚାଷ କରାଯାଉଥିବା ବି ଅଭିଯୋଗ ରହିଛି। କୁହାଯାଉଛି ଓଡ଼ିଶାର ଗଞ୍ଜେଇ ବାହାର ରାଜ୍ୟରେ ବେଶ୍ ଚାହିଦା। ଏମିତିକି ମେଟ୍ରୋ ସିଟିରେ ଚଢ଼ା ଦରରେ ଏସବୁ ବିକ୍ରି ହୁଏ। ଓଡ଼ିଶାରେ ବେଆଇନ ଗଞ୍ଜେଇ ବେପାର କରି ବାହାର ରାଜ୍ୟର ମାଫିଆ ମାଲେମାଲ୍। ମାଲକାନଗିରିର ସ୍ୱାଭିମାନ ଅଂଚଳ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଥାନା ଗୁଡିକରେ ଶହ ଶହ ହେକ୍ଟରରେ ଏବେ ଚାଷ ହେଉଛି ଗଞ୍ଜେଇ। ପୂର୍ବରୁ ଗଞ୍ଜେଇ ଚାଷ ପଛରେ ମାଓବାଦୀଙ୍କ ସଂପୃକ୍ତି ଥିବା ଅଭିଯୋଗ ହେଉଥିଲା। ହେଲେ ଏବେ ମାଓ ଗତିବିଧି କମିଛି କିନ୍ତୁ ଗଞ୍ଜେଇ ଚାଷ କମିବ କ'ଣ ବଢ଼ିବାରେ ଲାଗିଛି। ଏକ ବେସରକାରୀ ତଥ୍ୟ ଅନୁସାରେ, ଗତ ୩ ବର୍ଷ ମଧ୍ୟରେ ଜିଲ୍ଲାରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ପ୍ରାୟ ୭୫ ଟନ ଗଞ୍ଜେଇ ଜବତ ହୋଇଛି ଯାହାର ଆନୁମାନିକ ମୂଲ୍ୟ ୩୬୦ କୋଟି ହେବ। ତଥାପି କାହିଁକି ବ୍ରେକ୍ ଲାଗୁନି ଏ ବେଆଇନ କାମରେ ? ଅଭିଯୋଗ ହେଉଛି କି, ବାହାର ରାଜ୍ୟରୁ ମାଫିଆ, ନିରୀହ ଆଦିବାସୀଙ୍କୁ ଏ କାମରେ ନିୟୋଜିତ କରୁଛନ୍ତି । ଗିରଫ ହେଲା ବେଳେ ସ୍ଥାନୀୟ ଲୋକେ ବଳି ପଡୁଛନ୍ତି କିନ୍ତୁ ମାଫିଆଙ୍କୁ ଧରି ହେଉନି। ଜଙ୍ଗଲରେ ଚାଷ ହେଉଥିବାରୁ ରେଡ୍ ବେଳେ ଫେରାର ମାରୁଛନ୍ତି ମାଷ୍ଟର୍ ମାଇଣ୍ଡ। ଏପରି ସ୍ଥିତିରେ ମାଲକାନଗିରିକୁ ଗଞ୍ଜେଇ ମୁକ୍ତ କରିବାକୁ ହେଉଥିବା ଅପରେସନ୍ କେବେ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ସ୍ୱର୍ଗତଃ ଭାସ୍କର ଚନ୍ଦ୍ର ଦାସଙ୍କ ସ୍ମୃତିଚାରଣ ସଭା

ବାଲେଶ୍ୱର , ୩୧/୧୦ (ନି.ପ୍ର): ବିଶିଷ୍ଟ ଶିଶୁସାହିତ୍ୟିକ, ଆକାଶବାଣୀ ସ୍ୱୀକୃତିପ୍ରାପ୍ତ ଗୀତିକାର ଦିବଂଗତ ଭାସ୍କର ଚନ୍ଦ୍ର ଦାସଙ୍କ ଏକାଦଶାହ ତାଙ୍କ ବାସଭବନ ମେଘଡମ୍ବରୁରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କ ପୌରୋହିତ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଶିଶୁସାହିତ୍ୟିକ ତଥା ନାଟ୍ୟକାର ପୀତାମ୍ବର ଦାସ ପ୍ରାକ୍‌କଥନ ରଖିଥିବା ବେଳେ ସ୍ୱର୍ଗତଃ ଦାସଙ୍କ ବିବିଧ ପ୍ରତିଭା ଉପରେ ରେମୁଣା ବ୍ଲକ୍ ଚେୟାର୍‌ମ୍ୟାନ୍ ରାଜେନ୍ଦ୍ର କୁମାର ରାଉତ,



ସ୍ଥାନୀୟ ସରପଞ୍ଚ ତାପସ କୁମାର ପାଣିଗ୍ରାହୀ, ପୀତବାସ ନାୟକ, କବି ପୂର୍ଣ୍ଣଚନ୍ଦ୍ର ସେଠୀ, ମୋନାଲିସା ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସର୍ବେଶ୍ୱର ପଣ୍ଡା, କମଳ ଦାସ ପ୍ରମୁଖ ସ୍ମୃତି ଆଲେଖ୍ୟ ବାଢ଼ିଥିଲେ। ଏତଦ୍‌ବ୍ୟତୀତ ତାଙ୍କର ଧର୍ମପତ୍ନୀ, ପୁତ୍ର,ପୁତ୍ରବଧୂ, କନ୍ୟା,ଜାମାତ,ଭଣଜା-ଭାଣିଜି, ପୁତୁରା-ଝିଆରୀ, ନାତିନାତୁଣୀ, ନାତୁଣୀଜ୍ୱାଇଁ ଭାବପୂର୍ଣ୍ଣ ସ୍ମୃତିଚାରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପୀତାମ୍ବର ଦାସଙ୍କ ସମ୍ପାଦିତ ସ୍ମୃତିଚାରଣ ପୁସ୍ତିକା "ଅସ୍ତମିତ ଭାସ୍କର" ଉନ୍ମୋଚିତ ହୋଇଥିଲା। ଶେଷରେ ସ୍ୱର୍ଗତଃ ଦାସଙ୍କ ସାନଝିଅ ପୁଷ୍ପତା ଧନ୍ୟବାଦ ଅର୍ପଣ କରିଥିଲେ।

# ପଂଚୁକ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ, ୩୧/୧୦ (ନି.ପ୍ର): ପଂଚୁକରେ କେବଳ ସିଂହଦ୍ୱାର ଦେଇ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ ବୋଲି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସୂଚନା ଦେଇଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ପଂଚୁକ ବ୍ରତ ପାଳନ ସମୟରେ ଶୃଙ୍ଖଳିତ ଦର୍ଶନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ତ୍ତିକ ଏକ ଧର୍ମ ମାସ ହୋଇ ଥିବାରୁ ମହାପ୍ରଭୁଙ୍କ ଦର୍ଶନ ନିମିତ୍ତ ଏମିତି ଲୋକ ମାନଙ୍କ ର ଗହଳି ହୋଇଥାଏ । ତେବେ ପଂଚୁକ ସମୟରେ ହବିଷ୍ୟାଳୀ ମା ମାନଙ୍କ ସହ ଅନ୍ୟାନ୍ୟ ଭକ୍ତ, ଶ୍ରଦ୍ଧାଳୁଙ୍କ ପାଇଁ ଅତ୍ୟଧିକ ଭିଡ଼ ହେବାର ଆଶା କରାଯାଉଛି। ତେଣୁ ଶୃଙ୍ଖଳିତ ଦର୍ଶନ ସହ ସୁରକ୍ଷା ବ୍ୟବସ୍ଥା, ଆଇନ ଶୃଙ୍ଖଳା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଗମନାଗମନ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ଇତ୍ୟାଦି ଅତ୍ୟାବଶ୍ୟକୀୟ ବ୍ୟବସ୍ଥା ପାଇଁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା ହୋଇଥିବାରୁ ପାନୀୟ ଜଳ ପ୍ରଦାନ ବ୍ୟବସ୍ଥା କରାଯିବ। ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ଦୁର୍ଘଟଣା ପାଇଁ ପ୍ରସ୍ତୁତ ରହିବା ସହ ନିର୍ଦ୍ଧାରିତ ସ୍ଥାନରେ ଲଗାଯାଉଥିବା ଦୀପ ଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଓ ପୁଷ୍କରିଣୀ ଏବଂ ସମୁଦ୍ର ନିକଟରେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ନୀତି କାନ୍ତି ସଠିକ ସମୟରେ ପରିଚାଳନା ପାଇଁ ଜିଲ୍ଲାପାଳ ଶ୍ରୀମନ୍ଦିର ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଯାହା ଫଳରେ ଦର୍ଶନ ଯଥାଶୀଘ୍ର ତ୍ୱରାନ୍ୱିତ ହୋଇପାରିବ।

ସେହିପରି ପାନୀୟ ଜଳ ଓ ଶୌଚାଳୟ ପାଇଁ ୱାଟକୋ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସିଡିଏମଓ, ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଓ ଶୌଚାଳୟ ପାଇଁ ପୁରୀ ପୌରପାଳିକା, ଶ୍ରଦ୍ଧାଳୁଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଟ୍ରାଫିକ ନିୟନ୍ତ୍ରଣ, ଶୃଙ୍ଖଳା ରକ୍ଷା ପାଇଁ ଆରକ୍ଷୀ ବିଭାଗ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଟିପିସିଓଡିଏଲ,ପାର୍କିଂ ସ୍ଥଳ ଓ ଯାନବାହନ ନିୟନ୍ତ୍ରଣ ପାଇଁ ଆରଟିଓ, ବ୍ୟାରିକେଡ ନିର୍ମାଣ, ଆବଶ୍ୟକ ଅନୁସାରେ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ସଂସ୍କୃତି କାର୍ଯ୍ୟାଳୟ ଉପଯୁକ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସାମୁହିକ କାର୍ଯ୍ୟକ୍ରମ । ଏହାକୁ ସମ୍ମିଳିତ ସହଯୋଗରେ ସଫଳ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଡିଆଇବିର ଅତିରିକ୍ତ ଏସପି ଦେବୀ ଶଙ୍କର ପ୍ରତାପ,ସହକାରୀ ନିତୀ ପ୍ରଶାସକ ରଞ୍ଜନ କୁମାର ବେହେରା,ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ, ଅନୁସ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଂଟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ବାସୁଦେବପୁର ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ଓ ଗଣ ଦୌଡ

ବାସୁଦେବପୁର, ୩୧/୧୦ (ନି.ପ୍ର): ଭାରତ ବର୍ଷର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ୧୫୦ ତମ ଜନ୍ମଦିନ ଅବସରରେ ବାସୁଦେବପୁର ପୁଲିସ୍ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଯୁବକ ଓ ମହାବିଦ୍ୟାଳୟ ଛାତ୍ର ତଥା ଜନ ସାଧାରଣ ଏକ ସୁନ୍ଦର ଗଣଦୌଡ କାର୍ଯ୍ୟକ୍ରମରେ ସାମିଲ ହୋଇ ଥିଲେ। ତାରିଣୀ ଛକରୁ ସକାଳେ ସମସ୍ତେ ଦୌଡ ଆରମ୍ଭ କରିଥିଲେ ଓ ନୀଳମଣି ଟାଉନ ହଲ ପରିସରରେ ଶେଷ କରିଥିଲେ। ଏହି ଉତ୍ସବରେ ସଦର ଏସ ଡି ପି ଓ ବିଚିତ୍ରାନନ୍ଦ ସେଠି, ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, ତହସିଲଦାର ପ୍ରିୟବ୍ରତ ଦାସ, ବିଜେପି ନେତା ବାଣୀ କଲ୍ୟାଣ ମହାନ୍ତି, ବିଜେପି ଜିଲ୍ଲା ଉପ




ସଭାପତି ଉଦୟ ନାରାୟଣ ମଲ୍ଲିକ , ଅସିତ୍ କୁମାର ଦାଶ, ଜଗବନ୍ଧୁ ଦାସ, ଜୟ ପ୍ରକାଶ ମଲ୍ଲିକ, ଡାକ୍ତର ଉମାକାନ୍ତ ଖୁଣ୍ଟିଆ, ସୁବ୍ରତ କୁମାର ଧଳ,ମଧୁସୂଦନ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାସୁଦେବପୁର ପୋଲିସ ଷ୍ଟାଫ୍ ଭାଗ୍ୟଜିତ୍ ନାୟକ, ପୁନମ ଦେବୀ ବେହେରା, ଅଧିକାରୀ ଦେବୀ ପ୍ରସାଦ ମହାପାତ୍ର, ସୁଚିତ୍ରା ଦିଦି,ଖଟୁଆ ବାବୁ, ସଞ୍ଜୟ ଲେଙ୍କା, ବିନୋଦ ସାହୁ, ମୀନକେତନ ସିଂ, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ସଞ୍ଜୟ ଜେନା ପ୍ରମୁଖ ସହଯୋଗ କରିଥିଲେ। ସମସ୍ତେ ଦେଶପ୍ରେମ, ଜାତୀୟତା ବୋଧ, ଶାନ୍ତି ଶୃଙ୍ଖଳା ରକ୍ଷା କୁ ଗୁରୁତ୍ୱ ଦେବା ଉଚିତ୍ ବୋଲି ଏହି ଉତ୍ସବରେ ମତ ପ୍ରକାଶ ପାଇଛି। ସମସ୍ତେ ସ୍ଲୋଗାନ ଦେଇଥିଲେ ଭାରତ ମାତା କି ଜୟ, ରାଷ୍ଟ୍ରୀୟ ଏକତା ଦିବସ ସ୍ୱାଗତମ୍ ସ୍ୱାଗତମ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଫଟୋ ଚିତ୍ର ଥିବା ରନ ଫର୍ ୟୁନିଟି ବାନିଅନ ପିନ୍ଧି ସମସ୍ତେ ଦେଶର ମଙ୍ଗଳ କାମନା ପାଇଁ ଦୌଡିଥିଲେ।

# କାଳୀ ପୂଜା ଭସାଣୀ ଯାତ୍ରା

ଭୁବନ, ୩୧/୧୦ (ନି.ପ୍ର): ଭୁବନରେ ଗତ ୨୧ ତାରିଖ ଠାରୁ ଆରମ୍ଭ ହୋଇଥିବା କାଳୀ ପୂଜାର ଗୁରୁବାର ଅପରାହ୍ନରେ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବା କାଳୀ ବଜାର ବଣିକ ସଂଘ ତରଫରୁ ମ୍ୟୁଜିକ୍ ଅର୍କେଷ୍ଟ୍ରା, ଡି ଜେ ସାଉଣ୍ଡ,ଲୋକ ନୃତ୍ୟ, ଅଘୋରି ନୃତ୍ୟ ସାଙ୍ଗକୁ ଭୂତ ନୃତ୍ୟ ଆୟୋଜନ କରି ଭସାଣୀ ଯାତ୍ରାକୁ ବେଶ୍ ଆକର୍ଷଣୀୟ କରାଯାଇଛି । ସଭାପତି ସମୀର କୁମାର ସାହୁଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀ ଏଥିରେ ସାମିଲ ହୋଇଛନ୍ତି । ସିନେମା ହଲ ଛକ କାଳୀ ପୂଜା ଭସାଣୀ ଯାତ୍ରାକୁ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । କମିଟି ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଓ ସାହି ବାସିନ୍ଦା ଭସାଣୀ ଯାତ୍ରାରେ ସାମିଲ ହୋଇଛନ୍ତି।

# ଆଧାର କାର୍ଡ ନଥିବାରୁ ବିଧବା ମହିଳା ସରକାରୀ ଭତ୍ତା ଓ ଆବାସ ଗୃହରୁ ବଂଚିତ

କେନ୍ଦୁଝର, ୩୧/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପିଠାଗୋଳା ଗ୍ରାମପଂଚାୟତ ଅଧୀନରେ ଥିବା କୁଲାଡାଙ୍କୁଣି ଗ୍ରାମର ଜଣେ ବିଧବା ମହିଳା ନାମ ମେଣୀ ପାତ୍ର ସ୍ୱାମୀ ନୟନ ପାତ୍ର ତାଙ୍କ ସ୍ୱାମୀଙ୍କ ବିଗତ ପାଂଚ-ଛଅ ବର୍ଷ ହେବ ମୃତ୍ୟୁ ହୋଇଯାଇଥିବା ବେଳେ ସ୍ତ୍ରୀ ମେଣୀ ପାତ୍ର ବହୁ ଦୁଃଖ କଷ୍ଟରେ ଚଳୁଥିବାର ଦୃଶ୍ୟ ଗଣମାଧ୍ୟମ ସାମ୍ନାକୁ ଆସିଛି । ଏହାକୁ ନେଇ ପଂଚାୟତ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବହୁ ବାର ଜଣାଇଥିଲେ ମଧ୍ୟ ସରକାରୀ ସହାୟତା ତାଙ୍କ ପାଇଁ ସାତ ସପନ ପାଲଟିଛି। ପାଖରେ ଆଧାର କାର୍ଡ ନଥିବାରୁ ବିଧବା ମହିଳା ଜଣଙ୍କ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ ହେଉଛନ୍ତି। ବର୍ତ୍ତମାନ ତାଙ୍କ ବୟସ ପାଖାପାଖି ୭୦-ବର୍ଷ ରୁ ଉର୍ଦ୍ଧ୍ୱ ହୋଇପାରେ ବୋଲି ଅନୁମାନ କରାଯାଉଛି। ବୟସ ଯେତିକି ଗଡିବାରେ ଲାଗିଛି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ସେତିକି ଖରାପ ହେଉଥିବା ଦେଉଥିବା ଜଣାପଡୁଛି। କୌଣସି ଉପାୟ ନ ପାଇ ନିରାଶ ହୋଇ ପଡ଼ିଛନ୍ତି ଗରିବ ମହିଳା ଜଣକ। ଏହାକୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବିଧବା ମହିଳା ମେଣୀ ପାତ୍ରଙ୍କୁ ସରକାରୀ ଭତା ସହିତ ରାସନ୍ କାର୍ଡ ଓ ଆବାସ ଗୃହ ଯୋଗାଇ ଦେବା ପାଇଁ ପିଠାଗୋଳା ଗ୍ରାମପଂଚାୟତର ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

# ଠାକୁରମୁଣ୍ଡା ଅଂଚଳରେ ବାଘ ପାଦ ଚିହ୍ନକୁ ନେଇ କୋକୁଆ ଭୟ

ବାରିପଦା, ୩୧/୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ରେଞ୍ଜ ଅଂଚଳରେ ମହାବଳ ବାଘ ଆତଙ୍କ ସୃଷ୍ଟି ହୋଇଛି। ମାଟିରେ ବାଘର ପାଦ ଚିହ୍ନକୁ ଦେଖି ସ୍ଥାନୀୟ ଜନସାଧାରଣ ମଧ୍ୟରେ କୁକୁଆ ଭୟ ଖେଳିଯାଇଛି। ଠାକୁରମୁଣ୍ଡା ରେଞ୍ଜ ଅଂଚଳର କାଳିଆ ଜିଆଣୀ ଗାଁ ନିକଟ ସଂରକ୍ଷିତ ଜଙ୍ଗଲକୁ ଶିମିଳିପାଳ କୋର ଏରିଆରୁ ଏକ ମହାବଳ ବାଘ ଚଳପ୍ରଚଳ କରୁଥିବାର ଜଣାପଡିଛି। ବର୍ତ୍ତମାନ ସୁଦ୍ଧା କେହି ବାଘକୁ ଦେଖିନଥିଲେ ମଧ୍ୟ ବାଘର ପାଦଚିହ୍ନ ଠାବ ହୋଇଛି। ବିଶେଷ କରି ହାତୀଗୋଡା ଓ ସାଲେଇବେଡା ପଂଚାୟତର ଆଖପାଖ ଗ୍ରାମଗୁଡିକର ଲୋକ ଆତଙ୍କିତ ହୋଇ ପଡିଛନ୍ତି। ମହାବଳ ବାଘ ବୁଲୁଥିବା ଖବର ପାଇ ବନ କର୍ମଚାରୀ ମାନେ ଉକ୍ତ ଅଂଚଳରେ ପହଂଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଏହା ସହିତ ଗତିବିଧି ଅନୁଧ୍ୟାନ କରି ଲୋକଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସଚେତନ କରୁଛନ୍ତି। ତେବେ ବନ ବିଭାଗର କହିବା ଅନୁଯାୟୀ ଗତ ୨୪ ତାରିଖରେ ଶେଷ ଥର ପାଇଁ ଏକ ମହାବଳ ବାଘର ଗତିବିଧି ବିଭାଗୀୟ କ୍ୟାମେରାରେ କଏଦ ହୋଇଥିଲା। ବନ ବିଭାଗର କର୍ମଚାରୀଙ୍କ ସ୍ୱତନ୍ତ୍ର ଟିମ ସୁରକ୍ଷା ପାଇଁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରିଥିବାର ସୂଚନା ମିଳିଛି। ଏନେଇ ଆଂଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ଜନସାଧାରଣଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଉକ୍ତ ଅଂଚଳ ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ସହ ସଂରକ୍ଷିତ ଜଙ୍ଗଲ ହୋଇଥିବା କାରଣରୁ ବାଘ ଚଳପ୍ରଚଳ କରିବା ସ୍ୱାଭାବିକ ଅଟେ। ତେବେ ଲୋକଙ୍କ ସୁରକ୍ଷା ନେଇ ବନ ବିଭାଗ ସଚେତନ ରହିଛନ୍ତି। ଜଙ୍ଗଲ ମଧ୍ୟକୁ ପ୍ରବେଶ ନକରିବାକୁ ବନ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ସହାୟତାରେ ସତର୍କ କରାଯାଉଛି ବୋଲି କହିଛନ୍ତି। ବନ ବିଭାଗ ପକ୍ଷରୁ ବିଭିନ୍ନ ଜଙ୍ଗଲରେ ୨୦ରୁ ଉର୍ଦ୍ଧ୍ୱ ଟ୍ରାପ କ୍ୟାମେରା ଲଗାଯାଇ ବାଘ ଗତିବିଧି ଉପରେ ନଜର ରଖାଯାଇଛି ବୋଲି ସୂଚନା ଦେଇଛନ୍ତି ।

# ସୁବର୍ଣ୍ଣପୁର ଜିଲ୍ଲାସ୍ତରରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ

ସୁବର୍ଣ୍ଣପୁର, ୩୧/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଛି। ଏହି ମିତବ୍ୟୟିତ ଦିବସ ପାଳନ ଅବସରରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ଼ ନୃପରାଜ ସାହୁଙ୍କ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ସ୍ଥଳେ ଆରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର ଶ୍ରୀ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର, ଶ୍ରୀମତି ଅଞ୍ଜଳିନା ପ୍ରଧାନ, ଅଧିକ୍ଷକ, ଡାକ ବିଭାଗ, ବଲାଙ୍ଗିର, ଶ୍ରୀ ସଞ୍ଜୟ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଏତଦବ୍ୟତୀତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ, ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନାର ଏଜେଂଟ ବୃନ୍ଦ, ସୁବର୍ଣ୍ଣପୁର ଜିଲ୍ଲା କେତେକ ଜନସାଧାରଣ, ବୁଦ୍ଧିଜୀବି ଓ ବିଭିନ୍ନ ବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥିମାନେ ମିତବ୍ୟୟିତା ଉପରେ ଜନସାଧାରଣ ଙ୍କୁ ଅବଗତ କରିଥିଲେ ।ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ମଙ୍ଗଳ ପ୍ରଧାନ ଏହି ଅବସରରେ ଡାକ ନିରୀକ୍ଷକ, ସୁବର୍ଣ୍ଣପୁର ଡାକ ବିଭାଗର ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ ସ୍ତରରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା ।ସେଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଧ୍ରୁବରାଜ ମିଶ୍ର ସଭା ସଂଯୋଜନା କରିଥିଲେ।

# ବିପର୍ଯ୍ୟୟ ଓ ଅଗ୍ନି ନିରାପତ୍ତା ସଚେତନତା ଶିବିର

ଘଟଗାଁ , ୩୧/୧୦ (ନି.ପ୍ର): ସ୍ଥାନୀୟ ବ୍ଲକ ଅନ୍ତର୍ଗତଦେହୁରୀ ପଶି ସରକାରୀ ବାଳିକା ଆଶ୍ରମ ବିଦ୍ୟାଳୟ ପରିସରରେ ଘଟଗାଁ ଅଗ୍ନିଶମ ବିଭାଗ ପକ୍ଷରୁ ଦିନିକିଆ ବିପର୍ଯ୍ୟୟ ଓ ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳର ୩୨୦ଜଣ ଛାତ୍ରୀ ଯୋଗଦେଇ ବିପର୍ଯ୍ଜୟ ଅଗ୍ନିନିରାପତ୍ତା ସମ୍ବନ୍ଧୀୟ କୌଶଳ ଶିକ୍ଷା କରିଥିଲେ ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟରେ କିପରି ନିଜ ସହ ଅନ୍ୟମାନଙ୍କୁ ରକ୍ଷା କରିପାରିବେ ସେ ବିଷୟରେ ସେଚତନ କରାଇବା ସହ ଅଗ୍ନି ବିପତିରୁ ଉଦ୍ଧାର ପାଇଁ କୌଶଳର ଡେମୋ ପ୍ରଦର୍ଶନ କରାଯାଇଥିଲା । ଅଗ୍ନିଶମ ଅଧିକାରୀ ପୂର୍ଣଚନ୍ଦ୍ରପଣ୍ଡା ଆସ୍ତିକ ବାଦା ଜ୍ୟୋଷ ଚନ୍ଦ୍ର ମୁଦୁଲି ଗୋଲକ ପ୍ରସାଦ ବେହେରା , ରମେଶ ଚନ୍ଦ୍ର ମାରାଣ୍ଡି , ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତନାୟକ ସମେତ ଡମ୍ବରୁ ଧର ଦାସ, ଜ୍ୟୋତିର୍ମୟୀ ଦାସ ,ପ୍ରିୟଙ୍କା ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# 'ପ୍ରମାଣ ଭାରତ'ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବସ୍ତା , ୩୧/୧୦ (ନି.ପ୍ର): ଆମ ଉତ୍କଳୀୟ ନୌବାଣିଜ୍ୟରେ ସ୍ମୃତି ବହନ କରି କାର୍ତ୍ତିକ ପୂର୍ଣ୍ଣିମା ତଥା ପଞ୍ଚୁକର ଉଦଯାପନ ଦିନ ବିଗତ ବର୍ଷ ଭଳି ଏବର୍ଷ ମଧ ଉତ୍ତର ବାଲେଶ୍ୱରରେ ପବିତ୍ର ସୁବର୍ଣ୍ଣରେଖାର ନଦୀର ତଟଦେଶ ରେ ଥିବା ବେଣାପୁରା ରାଜଘାଟର ବାରୁଣି ପଡ଼ିଆ ନିକଟରେ ଆସନ୍ତା ବୁଧବାର ପ୍ରାତଃ କାଳରେ ବିଶାଳ ବୋଇତ ବନ୍ଦାଣ ଓ ସୂର୍ଯ୍ୟବନ୍ଦନ,ଆରତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସଂସ୍କୃତି ସମ୍ପନ୍ନ ପରମ୍ପରାକୁ ଏ ମାଟିର ସମସ୍ତ ମଣିଷଙ୍କ ମାନସପଟ୍ଟରେ ପୁନଃ ଜାଗ୍ରତ କରାଇବା ଉଦ୍ଦେଶ୍ୟରେ ଗଠନ ହୋଇଥିବା ଏକ ସାମାଜିକ ମଙ୍ଗଳକାରୀ, ବିକାଶନ୍ମୁଖୀ ଓ ସଂସ୍କୃତିଧର୍ମୀ ଅନୁଷ୍ଠାନ 'ପ୍ରଣାମ ଭାରତ'ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶୁକ୍ରବାର ଅପରାହ୍ଣରେ ବସ୍ତା ଥାନା ବେଣାପୁରା ପଡ଼ିଆସ୍ଥିତ ଜଗନ୍ନାଥ ମନ୍ଦିର ସଭାଗୃହ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭା ପତି ଇଂ.ତ୍ରିଭୁବନ ଦାସ ମତ ପ୍ରକାଶ କରିଥିଲେ।ସଂଗଠନର ମୁଖ୍ୟ ସଂଯୋଜକ ଇଂ.ପରମାନନ୍ଦ ମହାପାତ୍ର ଯୋଗ ଦେଇ ୨୦୨୩ ମସିହାରେ ଉତ୍ତର ବାଲେଶ୍ୱରରେ କେତେଜଣ ଅବସର ପ୍ରାପ୍ତ ଶିକ୍ଷାବିତ, ଯନ୍ତ୍ରୀ, ଡ଼ାକ୍ତର, ସାମାଜିକ ସେବାକର୍ମୀ, ଉଦୀୟମାନ ଉଦ୍ୟୋଗ ପତି ଏବଂ ଯୁବକ ମାନଙ୍କୁ ନେଇ ଗଠିତ ହୋଇ ଥିବା ଏହି ଅନୁଷ୍ଠାନଟି ବିଗତ ଦୁଇ ବର୍ଷ ମଧ୍ୟରେ ଆମ ସାମାଜିକ ପରମ୍ପରା,ଐତିହ୍ୟ ଏବଂ ସାଂସ୍କୃତିକ ଅବକ୍ଷୟକୁ ରୋକାଯାଇ ଏକ ବିକଶିତ ବାଲେଶ୍ୱ ର ଗଠନ ପାଇଁ ଏହି ସଂଗଠନ ଚେଷ୍ଟା ଚଳାଇ ଆସିଥିବା ସହ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ୱଚ୍ଛ ଅଭିଯାନ,ସଚେତନତା,ବୃକ୍ଷ ରୋପଣ ଏବଂ ମାନସିକ ଜାଗରୂକତା ସୃଷ୍ଟି ପାଇଁ ଉତ୍ତର ବାଲେଶ୍ୱରରେ ବହୁବିଧ କାର୍ଯ୍ୟ କରି ଆସୁଥିବା କହିଥିଲେ।ମା ଓ ମାଟିକୁ ସମ୍ମାନ ଦେବା ସହିତ ଆମର ଲୁପ୍ତପ୍ରାୟ ସାଂସ୍କୃତିକ ପରମ୍ପରାକୁ ପୁନଃ ଜୀବନ୍ୟାସ ଦେବା ପାଇଁ ସଂଗଠନ ତାର ପ୍ରୟାସ ଜାରି ରଖିଥିବା ମୁଖ୍ୟ ଉପଦେଷ୍ଟା ପର୍ଶୁରାମ ପରିଡ଼ା ନିଜର ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ନୃସିଂହ ପ୍ରସାଦ ଦାସ ମହାପାତ୍ର,ଉପ ସଭାପତି ଅଜିତ କୁମାର ଦତ୍ତ, ସଂପାଦିକା ଯୋଗସ୍ମିତା ମହାପାତ୍ର,ଯୁଗ୍ମ ସଂପାଦକ ବିଜୟ କୁମାର ମହାନ୍ତି,କୋଷାଧ୍ୟକ୍ଷ ନୃସିଂହ ପ୍ରସାଦ ଦାସ ମହାପାତ୍ର,ଉପଦେଷ୍ଟା ଇଂ.ପରମାନନ୍ଦ ମହାପାତ୍ର, ସଦସ୍ୟ ଦେବଜ୍ୟୋତି ଦାସ ମହା ପାତ୍ର,ଗ୍ରାମ୍ୟ କମିଟି ସଭାପତି ମାନସ କୁମାର ଉପାଧ୍ୟାୟ, ସଂପା ଦକ ନରେଶ ଚନ୍ଦ୍ର ମହାନ୍ତି,ସମାଜସେବୀ ରମେଶ ଚନ୍ଦ୍ର ପ୍ରଧାନ, ବିରଞ୍ଜନ ଦାସ ମହାପାତ୍ର, ପ୍ରତାପ ଚନ୍ଦ୍ର ଗିରି,ଧ୍ରୁବ ଚରଣ ନାୟକ ,ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା,ସତୀଶ କୁମାର ମହାପାତ୍ର, ଅକ୍ଷୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଦାସ ଅତିଥି ପରିଚୟ ପ୍ରଦାନ ଏବଂ ମଞ୍ଚ ପରିଚାଳନା କରିଥିଲେ। ତେବେ ଉକ୍ତ ରାସପୂର୍ଣ୍ଣମା ଦିନ ବସ୍ତା,ଜଳେଶ୍ୱର,ଭୋଗରାଇ ବାଲି ଆପାଳ ଓ ବାଲେଶ୍ୱର ସଦର ବ୍ଲକ ସହିତ ପୋଡ଼ଶୀ ମୟୁର ଭଞ୍ଜ ଜିଲା ରାସଗୋବିନ୍ଦପୁର ଓ ମୋରଡ଼ା ବ୍ଲକ ଅଞ୍ଚଳରୁ ସହସ୍ରାଧିକ କାର୍ତ୍ତିକ ବ୍ରତଧାରୀ ମା ଓ ମାଉସୀ ସେଦିନ ଉପସ୍ଥିତ ହୋଇ ବୋଇତ ବନ୍ଦାଣ ଓ ସୂର୍ଯ୍ୟପୂଜନରେ ଅଂଶଗ୍ରହଣ କରିବା ସହ ରାଇ ଦାମୋଦରଙ୍କ ଉଦ୍ଦେଶ୍ୟରେ ପାଳନ କରିଥିବା ମାସା ଧିକ କାଳର ସମାପନ କରିବେ। ପ୍ରାତଃକାଳରେ ଏହି ପାରମ୍ପରିକ ଉତ୍ସବକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦ୍ଘାଟନ କରିବା ସହ ବିଧାନସଭା ଉପମୁଖ୍ୟ ସଚେ ତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଉପଜିଲାପାଳ ଶିବ ମାଲବ୍ୟ, ଗେଲ ଇଣ୍ଡିଆର ଜିଲା ଜେନେରାଳ ମ୍ୟାନେଜର ସେଲ୍ ଭାମ ଜୀ, ଦକ୍ଷିଣପୂର୍ବ ରେଳ ପଥର ଆଞ୍ଚଳିକ ଉପଭୋକ୍ତା ସମିତି ପ୍ରତିନିଧି ମୋହିତ ପୋଦ୍ଦାର, ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଘୋଷ ପ୍ରମୁଖ ଯୋଗ ଦେବାର ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଏକ ଅଭ୍ୟର୍ଥନା ସଭାରେ ପୂର୍ବ ବର୍ଷ ଭଳି ଏହି ଅଞ୍ଚଳର ବିକଶିତ ପ୍ରତିଭା ମାନଙ୍କୁ ସମ୍ମାନିତ କରିବା ପାଇଁ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହାଗଠବନ୍ଧନ ...

ଉଦ୍ୟମ ଜାରି ରଖିଥିବାବେଳେ ସେପଟେ ବୟାନବାଜି ବଢ଼ିବାରେ ଲାଗିଛି । ପ୍ରତିଥର ପରି ଏଥରକ ମଧ ମହିଳା, ଚାଷୀ ଓ ଯୁବବର୍ଗଙ୍କୁ ଅଧିକ ଫୋକସ କରିଛନ୍ତି ଉଭୟ ମେଣ୍ଟ । ଏଥିସହ ମୂଳ ସମସ୍ୟାକୁ ପ୍ରସଙ୍ଗ କରି ଏହା ସ୍ଥାୟୀ ସମାଧାନ ପ୍ରତିଶୃତି ଦେଇ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବାକୁ ସବୁ ପ୍ରକାର ଉଦ୍ୟମ କରିଛନ୍ତି ଏନଡିଏ ଓ ମହାଗଠବନ୍ଧନ ।

### ବବି ଓ ବିଧାୟକ...

ଅଭିଯୋଗକାରୀ ଆହୁରି ଲେଖିଛନ୍ତି, ମୋର ଯାହା ଇଚ୍ଛା ମୁଁ କରିବି ବୋଲି କହିବାରୁ ବବି ଦାସ ଓ ଅଧିରାଜ ପାଣିଗ୍ରାହୀ ମୋ ତଣ୍ଟିକୁ ଚିପି ମୋ ମୁହଁକୁ ଧରି ବହୁତ ମାଡ଼ ମାରିଥିଲେ। ତେବେ ଠିକଣା ସମୟରେ କୋମନା ଆଇଆଇସି ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ନହେଲେ ମୁଁ ବଞ୍ଚି ନଥା'ନ୍ତି। ଘଟଣାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ଜିତୁ ଆଡ଼ବାଙ୍ଗ ପୁଲିସକୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ବିଧାନସଭା ଉପ-ନିର୍ବାଚନ ପାଇଁ ନୂଆପଡ଼ା ଏବେ ଚଳଚଞ୍ଚଳ ରହିଛି।

### କୁଆଡ଼େ ଗଲେ ସାର୍ପ ...

ଡିଜିଙ୍କୁ ଚିଠି ଲେଖିଛନ୍ତି ବ୍ରହ୍ମପୁର ଏସପି। କାଳୀଚରଣ ମିଶ୍ର ହେଉଛନ୍ତି ସିବିଆଇର ପୂର୍ବତନ ଅତିରିକ୍ତ ଆଇନ ପରାମର୍ଶଦାତା ଓ ବହୁଚର୍ଚ୍ଚିତ ଅଞ୍ଜନା ମିଶ୍ର ମାମଲାର ପରିଚାଳନା କରିଥିଲେ। ହାଇକୋର୍ଟ ଆଇନଜୀବୀ ଭାବରେ ଅବିନାଶ ପାଢ଼ୀ ବହୁ ଅପରାଧ ମାମଲା ଲଢ଼ିଛନ୍ତି। ବ୍ରହ୍ମପୁର ପୋଲିସ ପଦକ୍ଷେପରେ ପୀତବାସଙ୍କ ପରିବାର ଖୁସି ପ୍ରକାଶ କରିଥିବା ବେଳେ କ୍ରାଇମବ୍ରାଞ୍ଚ ଡିଜି ବିନୟ ତୋଷ ମିଶ୍ର କହିଛନ୍ତି, ବ୍ରହ୍ମପୁର ଏସପିଙ୍କ ସୁପାରିଶକୁ ପୋଲିସ ଡିଜିଙ୍କ ଅନୁମୋଦନ ପରେ ରାଜ୍ୟ ସରକାରଙ୍କୁ ପଠାଯିବ।

### ପୁଣିଥରେ ନୂଆପଡ଼ା ଯିବେ ସିଏମ...

ଏପଟେ ଆରମ୍ଭରୁ କ୍ୟାମ୍ପେନକୁ ଶକ୍ତିଶାଳୀ କରିଥିବା କଂଗ୍ରେସ ପାଇଁ ଭୋଟ୍ ମାଗୁଛନ୍ତି ରାଜ୍ୟ ମୁଖିଆ ଭକ୍ତ ଦାସ। ଆଉ ଦଳର ଜଣେ ପରେ ଜଣେ କେନ୍ଦ୍ରୀୟ ନେତା ବି ପ୍ରଚାରରେ ସାମିଲ ହୋଇ ବଢ଼ାଉଛନ୍ତି ପ୍ରାର୍ଥୀଙ୍କ ମନୋବଳ। ଏପଟେ ନୂଆପଡ଼ା ଉପନିର୍ବାଚନ ରଣନୀତିର ଏପିକ୍ ସେଣ୍ଟର ପାଲଟିଛି କୋମନା। ନିର୍ବାଚନମଣ୍ଡଳୀର ସବୁଠୁ ଅଧିକ ଭୋଟର ଏଇ ବ୍ଲକରେ। ତେଣୁ ସବୁ ଦଳର ଫୋକସରେ କୋମନା।କୋମନାବାସୀଙ୍କୁ ମନେଇବା ସହ ପୁରା ନୂଆପଡ଼ା ବିଧାନସଭା କ୍ଷେତ୍ରକୁ ଅକ୍ତିଆର କରିବାକୁ ଏଇଠୁ ଚାଲିଛି ବିଜେପି- ବିଜେଡିର ଗୋଟି ଚାଳନା।

### କଂଗ୍ରେସର ଭୁଲ୍ ଭୋଗିବାକୁ ...

ଜାତୀୟ ଏକତା ଦିବସ ଅବସରରେ ଏକ ଭବ୍ୟ ପରେଡର ଆୟୋଜନ ହୋଇଥିଲା। ଏହା ପରେ ସମାବେଶକୁ ସମ୍ବୋଧିତ କରି ମୋଦି କହିଥିଲେ, "ସର୍ଦ୍ଦାର ପଟେଲ ଅନ୍ୟ ଗଡ଼ଜାତ ରାଜ୍ୟ ପରି ସମଗ୍ର କାଶ୍ମୀରକୁ ଭାରତରେ ମିଶ୍ରଣ କରିବାକୁ ଚାହୁଁଥିଲେ, କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏହା କରିବାକୁ ଦେଇ ନଥିଲେ। କାଶ୍ମୀର ବିଭାଜିତ ହେଲା, ଏହାକୁ ଏକ ପୃଥକ ସମ୍ବିଧାନ ଏବଂ ଏକ ପୃଥକ ପତାକା ଦିଆଗଲା ଏବଂ ଦେଶକୁ ଦଶନ୍ଧି ଧରି କଂଗ୍ରେସର ଏହି ଭୁଲର ପରିଣାମ ଭୋଗିବାକୁ ପଡିଲା ବୋଲି କହି ସେ କଂଗ୍ରେସକୁ କଡା ସମାଲୋଚନା କରିଛନ୍ତି। ଏହି ଅବସରରେ, ମୋଦି ଆର୍କାଇଭ୍ସ ଏକ ଭିଡିଓ ଶେୟାର କରିଛି ଯେଉଁଥିରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ପଛର ଚିନ୍ତାଧାରା ବିଷୟରେ କୁହାଯାଇଛି।

### ଭାରତ ଏକ ...

ଶ୍ରୀଲଙ୍କା, ନେପାଳ ଏବଂ ଅନ୍ୟାନ୍ୟ ଦେଶରେ କ୍ଷମତାର ଅସାମ୍ବିଧାନିକ ପରିବର୍ତ୍ତନ କୁଶାସନ ଯୋଗୁଁ ଘଟିଛି। ଡୋଭାଲ କହିଛନ୍ତି, 'ଏକ ଦେଶ ଶକ୍ତିଶାଳୀ ହେଉ କି ଦୁର୍ବଳ, ଏହା ପ୍ରକୃତରେ ଏହାର ସରକାରଙ୍କ ଶକ୍ତି। ଯେତେବେଳେ ସରକାର ଦୁର୍ବଳ ଏବଂ ଆତ୍ମ-ପ୍ରେରିତ ହୁଅନ୍ତି, ଫଳାଫଳ ସମାନ। ସରକାର ସଂସ୍ଥା ମାଧ୍ୟମରେ କାମ କରନ୍ତି। ରାଷ୍ଟ୍ର ନିର୍ମାଣରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରକ ହେଉଛି ସେହି ଲୋକମାନେ ଯେଉଁମାନେ ଏହି ସଂସ୍ଥାଗୁଡ଼ିକୁ ସୃଷ୍ଟି କରନ୍ତି। ମହାନ ସାମ୍ରାଜ୍ୟ, ରାଜତନ୍ତ୍ର, ଅଭିଜାତତନ୍ତ୍ର କିମ୍ବା ଗଣତନ୍ତ୍ରର ଉତ୍ଥାନ ଏବଂ ପତନ ସରକାରଙ୍କ ଯୋଗୁଁ ହୁଏ।' ଏନଏସଏ ଅଜିତ ଡୋଭାଲ କହିଛନ୍ତି, 'ମୁଁ ବିଶ୍ୱାସ କରେ ଯେ ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ରାଷ୍ଟ୍ରର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଏହାର ଲକ୍ଷ୍ୟ ହାସଲ କରିବା ସରକାରଙ୍କ ଦାୟିତ୍ୱ।

# ଭଂଜପୁର ଜଗଦ୍ଧାତ୍ରୀ ମା'ଙ୍କ ପୂଜା ଅବସରରେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା , ୩୧/୧୦ (ନି.ପ୍ର): ସ୍ଥାନୀୟ ଭଂଜପୁର ଠାରେ ମା' ଜଗଦ୍ଧାତ୍ରୀଙ୍କ ୭୩ ତମ ପୂଜା ଅବସରରେ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଆଜି ଅପରାହ୍ନ ୪ ଟା ସମୟରେ ବେଲଗଡ଼ିଆ ନିକଟସ୍ଥ ଚିପଟ ନଦୀରୁ ବିଧି ବିଧାନ ଅନୁସାରେ ଘଟ ଉତ୍ତୋଳନ କରାଯାଇ ଏକ ବିରାଟ ଶୋଭାଯାତ୍ରାରେ ସହର ଓ ସାହି ପରିକ୍ରମା କରି ପୂଜା ମଣ୍ଡପରେ ପହଞ୍ଚିଥିଲା ଓ ଏହି ଘଟ ଉତ୍ତୋଳନ ଶୋଭାଯାତ୍ରାରେ ପୁରୀ ରଥଯାତ୍ରାର ଘୋଷ ଘଣ୍ଟୁଆ ଦଳ, ଗଞ୍ଜାମ ଜିଲ୍ଲାର ଯୋଡ଼ି ଶଙ୍ଖ ଦଳ, ସମ୍ବଲପୁରର ସିଂହ ବାଜା, ଖୋର୍ଦ୍ଧା ଜିଲ୍ଲାର ଘୋଡାନାଚ, ମୟୁରଭଞ୍ଜର ଛଉ ବାଜା ଓ ସୋରିଷକୋଠି ଅଂଚଳର ସଂକୀର୍ତ୍ତନ ଦଳ, ପଶ୍ଚିମବଙ୍ଗ ମେଦିନୀପୁରର ଢାକ ବାଜା ତଥା ବାରିପଦା ବ୍ରାହ୍ମଣ ସମାଜ ଦ୍ୱାରା ସଂସ୍କୃତରେ ବେଦ ପାଠ ଦଳ ସାମିଲଥିଲେ ଓ ମା' ଙ୍କ କଳସ ମୁଣ୍ଡାଇଥିଲେ ଅବନୀ ଶଙ୍କର ଷଡ଼ଙ୍ଗୀ, ସଂକଳ୍ପ କାର୍ଯ୍ୟ ମଣ୍ଟୁ ନନା ଓ ବାବୁଲି ନନା ସମ୍ପାଦନ କରିଥିଲେ ଓ ରାତ୍ର ୯ଟା ରୁ ଗୋଟେ ମଧ୍ୟରେ ମା' ଙ୍କର ପୂଜାବିଧି ସମ୍ପନ୍ନ ହେବବୋଲି ପୂଜକ ସମ୍ପଦ ନନା ଜଣାଇଛନ୍ତି ଓ ଶୋଭାଯାତ୍ରା ଦାୟିତ୍ୱରେ ଥିବା ଋଷିରାଜ ପଟ୍ଟନାୟକ ଓ ପ୍ରମୋଦ ମହାନ୍ତିଙ୍କ ସମେତ ଏହି ଶୋଭାଯାତ୍ରାରେ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ ।

# ମହାତ୍ମାଗାନ୍ଧି ଡିଗ୍ରୀ କଲେଜରେ ବୈଶିଙ୍ଗା ପୋଲିସ ପକ୍ଷରୁ ସାଇବର ସଚେତନତା ଶିବିର




ବୈଶିଙ୍ଗା , ୩୧/୧୦ (ନି.ପ୍ର): ସାରା ଦେଶରେ ସାଇବର କ୍ରାଇମ ବଢି ଚାଲିଥିବା ବେଳେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବରୁ ଧନ ଜନ ହାନି ଘଟୁଥିବା ଯୋଗୁଁ ବିପଦ ବଢି ବଢି ଚାଲିଛି । ରାଜ୍ୟ ସରକାର ଏହାର ନିରାକରଣ ପାଇଁ ରାଜ୍ୟର ସମସ୍ତ ଥାନା, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ କଲେଜ ମାନଙ୍କରେ ସାଇବର ସଚେତନତା ଶିବିର ମାଧ୍ୟମରେ ସଚେତନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧି ଡିଗ୍ରୀ ମହାବିଦ୍ୟାଳୟରେ ବୈଶିଙ୍ଗା ପୋଲିସ ପକ୍ଷରୁ ଏକ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷା ମମତା ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବୈଶିଙ୍ଗା ଥାନାର ଅଧିକାରୀ ମାନେ ଯୋଗଦେଇ ସାଇବର କ୍ରାଇମ ପାଇଁ ପିଲାମାନଙ୍କୁ ସଚେତନ କରାଇଥିଲେ ।

# ଇଣ୍ଡିଆନ ଅଏଲ୍ ପାରାଦୀପ ରିଫାଇନରୀରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ



ପାରାଦୀପ, ୩୧/୧୦ (ନି.ପ୍ର): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରିବା ପାଇଁ, ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀ ଅକ୍ଟୋବର ୩୧ ତାରିଖରେ ଦେଶପ୍ରେମ ଉତ୍ସାହ ଏବଂ ଗର୍ବର ସହିତ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରିଛି। ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ଦିବସର ଶପଥ ପାଠ କରାଇଥିଲେ । ଶ୍ରୀ ବସୁ, ବରିଷ୍ଠ ଅଧିକାରୀ ଏବଂ ସିଆଇଏସଏଫ ଏବଂ ଡିଜିଆର ର ସଦସ୍ୟମାନଙ୍କ ସହିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ଭାରତର ଲୌହ ପୁରୁଷ' - ସର୍ଦାର ବଲ୍ଲଭଭାଇ ପଟେଲ, ଆଧୁନିକ ଭାରତୀୟ ରାଷ୍ଟ୍ର ଗଠନ ପାଇଁ ବିବିଧ ରାଜ୍ୟଗୁଡ଼ିକୁ ଏକ ?ତ୍ର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଷ୍ଟ୍ରୀୟ ଏକତା ଦିବସ, ଏହିପରି ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରିବାର ଦିନ ଓ ଭାରତର ନାଗରିକମାନଙ୍କ ମଧ୍ୟରେ ଜାତୀୟ ସଂହତି, ଦେଶପ୍ରେମ ଏବଂ ଏକତାର ଆଦର୍ଶକୁ ପ୍ରୋତ୍ସାହିତ କରିବାର ଏକ ଅବସର ଅଟେ ।

# ଯୁବକଙ୍କ ଝୁଲନ୍ତା ମୃତ ଦେହ ଉଦ୍ଧାର

ଜଳେଶ୍ୱର , ୩୧/୧୦ (ନି.ପ୍ର): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ରାଇବଣିଆ ପଞ୍ଚାୟତ ଆଡିଆସାହି ଗ୍ରାମ ର ପୋଖୋରି ଆଡି ରୁ ଏକ ବରଗଛ ରୁ ଯୁବକ ଙ୍କ ମୃତଦେହ ଝୁଲନ୍ତା ଅବସ୍ଥା ରାଇବଣିଆ ପୋଲିସ ଉଦ୍ଧାର କରାଯାଇଛି । ଶବ ପାଖ ଗଛ ମୂଳରୁ ଏକ କୀଟ ନାଶକ ଔଷଧ ମଧ୍ୟ ଜବତ କରିଛି ରାଇବଣିଆ ପୋଲିସ୍।ଶବ କୁ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠାଇଛି ରାଇବଣିଆ ପୋଲିସ୍। ରାଇବଣିଆ ଥାନା ରେ ଅପମୃତ୍ୟୁ ମାମଲା ୧୩/୨୫ ମାମଲା ରୁଜୁ ହୋଇଛି।ଉକ୍ତ ଯୁବକ ଙ୍କ ପରିଚୟ ସେହି ଗ୍ରାମ ର ପ୍ରଫୁଲ୍ଲ ନାୟକ ଙ୍କ ପୁତ୍ର ରୁନା ନାୟକ (୪୦)। ସୂଚନା ଅନୁସାରେ ଗୁରୁବାର ସେ ଘରୁ ଅନ୍ୟ ରାଜ୍ୟକୁ ବାହାରକୁ କାମ କରିବା ଯିବା ପାଇଁ ଘରୁ ବାହାରି ଆସିଥିଲେ କିନ୍ତୁ ଶୁକ୍ରବାର ସକାଳ ସମୟ ଗ୍ରାମ ର ଏକ ପୋଖୋରୀ ଆଡି ରୁ ତାଙ୍କର ଏକ ବରଗଛ ରେ ଏକ ବେଡସିଟ ସାହାର୍ଯ୍ୟରେ ଝୁଲନ୍ତା ଅବସ୍ଥାରେ ଗ୍ରାମବାସୀ ଦେଖିବା ପାଇଁ ପାଇଥିଲେ।

# ଉଦଳାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ




ଉଦଳା, ୩୧/୧୦ (ନି.ପ୍ର): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତି 'ରାଷ୍ଟ୍ରୀୟ ଏକତା ଦିବସ' ଉଦଳା ଠାରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଏକ ଗଣଦୌଡ଼ର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ଏହି ଦୌଡ଼ରେ ଅଂଶଗ୍ରହଣ ପାଇଁ ସମସ୍ତେ ଉଦଳା ମହାବିଦ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇଥିଲେ । ଉକ୍ତ ଦୌଡ଼ ସହର ପରିକ୍ରମା କରି ରଥଛକ ଠାରେ ପରିସମାପ୍ତି ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ନିହାର ରଂଜନ ମୋଦି, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ଉପନଗରପାଳ ପ୍ରଭାତ ପରିଡ଼ା, ବିଭୁତି ମହାନ୍ତ, ରଂଜନ ପାତ୍ର, ପ୍ରାଚ୍ୟସୁମନ ମହାନ୍ତି, ଦେବୀ ଶଙ୍କର କର, ଅଂଶୁମାନ ପ୍ରଧାନ, ଗୌତମ ଦେହୁରୀ ଇତ୍ୟାଦି ଏହି ଦୌଡ଼ରେ ଅଂଶଗ୍ରହଣ କରିଥିବା ବେଳେ ଉଦଳା ଥାନାର ପୋଲିସ ବିଭାଗ ଏହାର ଆୟୋଜନର ନେତୃତ୍ୱ ନେଇଥିଲେ । ଦେଶ ଗଠନରେ ସର୍ଦ୍ଦାର ପଟେଲଙ୍କ ଅବଦାନକୁ ସମସ୍ତେ ମନେପକାଇବା ସହ ଆଜି ଯେଉଁ ଭୁଖଣ୍ଡଟିକୁ ଆମେ ଭାରତ କହୁଛୁ ଓ ଆମ ଦେଶ ବୋଲି କହି ଗର୍ବ ଅନୁଭବ କରୁଛୁ ଏହାର ପ୍ରକୃତ ବିନ୍ଧାଣି ସର୍ଦ୍ଦାର ପଟେଲ ବୋଲି ବ୍ୟକ୍ତ କରିଥିଲେ ।

# ଶ୍ରୀ ଅଟଳ ବିହାରୀ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମଙ୍ଗଳପୁର, ୩୧/୧୦ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶ୍ରୀ ଅଟଳ ବିହାରୀ ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥି ନିମନ୍ତେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ଅଧକ୍ଷ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ବେହେରା। ଶ୍ରୀନିବାସ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁରେନ୍ଦ୍ର କୁମାର ବିଶ୍ୱାଳ ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସେମାନେ ନିଜ ବକ୍ତବ୍ୟରେ ଶ୍ରୀ ଦାସଙ୍କୁ ଜଣେ ଅନୁଷ୍ଠାନ ପ୍ରେମୀ ବ୍ୟକ୍ତି ବୋଲି ଅଭିହିତ କରିଥିଲେ। ଷ୍ଟାଫ ଆସୋସିଏସନର ସମ୍ପାଦକ ଡକ୍ଟର ପୁଣ୍ୟବ୍ରତ ମହାନ୍ତି ଏବଂ ଷ୍ଟାଫ କାଉନସିଲ ର ସମ୍ପାଦକ ଡକ୍ଟର ପଙ୍କଜ କୁମାର ଜେନା ନିଜ ନିଜ ଅଭିଭାଷଣରେ ଶ୍ରୀ ଦାସଙ୍କୁ ଜଣେ ଦାୟିତ୍ୱବାନ ଓ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ବୋଲି ବର୍ଣନା କରିଥିଲେ। ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଡକ୍ଟର ରଞ୍ଜିତାବାଳା ମହାପାତ୍ର, ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା, ଅଧ୍ୟାପକ ମୁକ୍ତିକାନ୍ତ ବାରିକ, ଗ୍ରନ୍ଥାଗାରିକ ବିରଞ୍ଚି ନାରାୟଣ ଦାସ, ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ବାରିକ ଓ ଶ୍ରୀଯୁକ୍ତ ମାର୍କଣ୍ଡ ଚରଣ ଖଣ୍ଡା ସେମାନଙ୍କ ଭାଷଣରେ ଶ୍ରୀ ଦାସଙ୍କର ସୁଗୁଣାବଳୀ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟାପିକା ପାଢ଼ୀ ମାନପତ୍ର ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ସୁଶାନ୍ତ କୁମାର ରାଉଳ, ଅଣାକର ନାୟକ, ନବ କିଶୋର ଦାସ, ପୂର୍ଣ୍ଣ ଚନ୍ଦ୍ର ରାଉତ, ପ୍ରଦ୍ୟୁମ୍ନ କୁମାର ସାହୁ ଏବଂ ଭରତ ଚନ୍ଦ୍ର ବାରିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ପୋଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତାଦିବସ ଉପଲକ୍ଷେ ଗଣଦୌଡ଼



ନୀଳଗିରି, ୩୧/୧୦ (ନି.ପ୍ର): ଲୌହମାନବ ତଥା ସ୍ୱାଧୀନଭାରତର ପ୍ରଥମ ଗୃହମନ୍ତ୍ରୀ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅକ୍ଟୋବର ୩୧ ଉପଲକ୍ଷେ ସମଗ୍ର ଭାରତବର୍ଷରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହେଉଛି। ଏହି ଅବସରରେ ନୀଳଗିରି ଓ ବରହମପୁର ପୋଲିସ ପକ୍ଷରୁ ମିଳିତଭାବେ ଏକ ମିନିମାରାଥନ (ଗଣଦୌଡ଼)ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନ ୮ଘଟିକା ସମୟରେ ମିଳିତ ଥାନାର ପୋଲିସ ଷ୍ଟାଫ, ବିଭିନ୍ନ କଲେଜର ଶହେରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ସାଧାରଣଜନତା ଏହି ଗଣଦୌଡରେ ଭାଗ ନେଇଥିଲେ। ତୃତୀୟଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରୁ ଏହି ଗଣଦୌଡ ବାହାରି ବସଷ୍ଟାଣ୍ଡ ଛକ ନିକଟ ପର୍ଯ୍ୟନ୍ତ ପହଞ୍ଚିଥିଲା। ଉପଖଣ୍ଡ ପୋଲିସ ଅଧୀକ୍ଷକ ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଏବଂ ବରହମପୁର ଥାନା ଆଇଆଇସି ପ୍ରେମଦା ନାୟକଙ୍କ ନେତୃତ୍ୱରେ ଏହି ଗଣଦୌଡ଼ ଆୟୋଜିତ ହୋଇଥିଲା।ବସୁଧୈବ କୁଟୁମ୍ବକମ୍, ରାଷ୍ଟ୍ରର ଏକତାକୁ ଅକ୍ଷୁଣ୍ଣ ରଖିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସ୍.ଡିପି.ଓ ଶ୍ରୀଯୁକ୍ତ ମଲ୍ଲିକ ବକ୍ତବ୍ୟ ରଖିଥିବା ବେଳେ ପି.କ୍ୟୁ ଅର୍ଥାତ୍ ପୋଲିସ, ପବ୍ଲିକ ଏବଂ ପ୍ରେସ ର ମିଳିତ ଉଦ୍ୟମ ଫଳରେ ଏକତାର ବନ୍ଧନ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଅପରପକ୍ଷରେ ନୀଳଗିରି ପୋଲିସ ତରଫରୁ ପାନୀୟଜଳ ଓ ଟିଫିନ୍ ବ୍ୟବସ୍ଥା କରାଯାଇଥିଲା।

# କଂଗ୍ରେସ ପକ୍ଷରୁ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଓ ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୩୧/୧୦ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ଏବଂ ଭାରତ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତା ଇନ୍ଦିରା ଗାନ୍ଧୀ ଓ ବଲ୍ଲଭ ଭାଇ ପଟେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ଇନ୍ଦିରା ଗାନ୍ଧୀ ପାର୍କ ସ୍ଥିତ ଇନ୍ଦିରାଜୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ଜୟଶ୍ରୀ ପଟ୍ଟନାୟକ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ରୂପ୍‌ସାରୁ ୨୧ ଲକ୍ଷ ଟଙ୍କାର ଧଳା ଜହର ଜବତ:୨ ଗିରଫ



ବସ୍ତା,୩୧।୧୦(ନିପ୍ର): ଆଜି ଜିଲା ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ ହୋଇ ରୂପସା ରେଳ ଷ୍ଟେସନ ଇଲାକାରୁ ୨୧ ଲକ୍ଷ ଟଙ୍କାର ଧଳା ଜହର ଜବତ ହେବା ସହ ୨ ଜଣଙ୍କୁ ଗିରଫ କରାଯାଇଛି। ସୂଚନାରୁ ପ୍ରକାଶ ଯେ ରୂପସା ଥାନା ଅଧୀନ ରୂପସା ରେଳ ଷ୍ଟେସନ ନିକଟରେ ବ୍ରାଉନ ସୁଗାର କାରବାର ହେଉଥିବା ଖବର ପାଇ ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଇନିସ୍ପେକ୍ଟର ଦିପ୍ତୀମୟୀ ସାହୁ,ଏସ ଆଇ ଭକ୍ତ ଚରଣ ସ୍ୱାଇଁ,ଏ ଏସ ଆଇ ଅନୀଲ କୁମାର ସତ୍ପଥୀ ସଦଳ ବଳେ ଚଢ଼ାଉ କରି ଦୁଇ ଜଣକୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୨୧୦ ଗ୍ରାମର ବ୍ରାଉନ ସୁଗାର ଜବତ କରିଛି। ଜବତ ବ୍ରାଉନ ସୁଗାରର ଆନୁମାନିକ ମୁଲ୍ୟ ୨୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି।ଗିରଫ ଯୁବକ ମାନେ ହେଲେ ରୂପସା ଥାନା ଅନ୍ତର୍ଗତ ମିର୍ଗୀମୁଣ୍ଡି ଗ୍ରାମର ସୁଦାମ ବେହେରା ଓ ରୂପସା ସାମିଲ ହସନପୁର ଗାଁର ଗୋକୁଳ ବର ବୋଲି ଜଣା ପଡିଛି।ଗିରଫ ଦୁଇ ଜଣ କେବେଠାରୁ ଏହି କାରବାର କରି ଆସୁଛନ୍ତି, ତାଙ୍କ ସହିତ ଆଉ କିଏ କିଏ ଅଛନ୍ତି ସେ ନେଇ ଅଧିକ ଖୋଳତାଡ କରିବ। ସହିତ ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ଅବକାରୀ ବିଭାଗ।

## ସାହିତ୍ୟ ଖଟିରେ ଖବର କାଗଜ 'ବାସ୍ତବ କଥା'ର ଲୋକାର୍ପଣ



ଭୁବନେଶ୍ୱର , ୩୧/୧୦ (ନି.ପ୍ର): ଗୁରୁବାର ପ୍ରତ୍ୟୁଷରେ ଶ୍ରୀମନ୍ଦିର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଙ୍ଗ ଲାଗି ହୋଇ ଖବର କାଗଜ 'ବାସ୍ତବ କଥା' ଜନ୍ମ ଲାଭ କରିଥିଲା। ମହାପ୍ରଭୁଙ୍କ ଚୁନରା ସେବକ ଡ଼କ୍ଟର ଶରତ ଚନ୍ଦ୍ର ମହାନ୍ତି ଏହି ଖବର କାଗଜକୁ ମହାପ୍ରଭୁ ଙ୍କୁ ଅଙ୍ଗ ଲାଗି ପକ୍ରିୟା ସାରି କହିଲେ 'ବାସ୍ତବ କଥା' ଖବର କାଗଜର ସୌଭାଗ୍ୟ ତାହା ମହାପ୍ରଭୁଙ୍କ ଅଙ୍ଗ ଲାଗି ହୋଇ ଜନ୍ମଲାଭ ହେଲା ଏହାର ଦୀର୍ଘାୟୁ ଓ ସୁଦୂର ପ୍ରସାର ସୁନିଶ୍ଚିତ। ଏହି ଖବର କାଗଜ ସମାଜର ବାସ୍ତବ କଥାକୁ ପ୍ରକାଶ କରିବ ବୋଲି ଖବର କାଗଜର ସମ୍ପାଦକ ତଥା ପ୍ରକାଶକ ଶ୍ରୀମନ୍ତ ପଣ୍ଡା ପ୍ରକାଶ କରିଛନ୍ତି। ସେହିପରି ଗୁରୁବାର ସନ୍ଧ୍ୟାରେ ବରିଷ୍ଠ କଥାକାର ଡ଼କ୍ଟର ଅଜୟ ସ୍ୱାଇଁ ଓ ସଂଳାପକାର ଡ଼କ୍ଟର ରଜନୀ ରଞ୍ଜନ ଙ୍କ କରକମଳ ରେ 'ବାସ୍ତବ କଥା' ଖବର କାଗଜ ଭୁବନେଶ୍ୱର ପୁରୁଣା ବସଷ୍ଟାଣ୍ଡ ସାହିତ୍ୟ ଖଟିରେ ବିଭିନ୍ନ ସାହିତ୍ୟିକ ଓ ବହୁ ପାଠକଙ୍କ ଗ୍ରହଣରେ ଲୋକାର୍ପଣ ହୋଇଥିଲା। ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ଶ୍ରୀ ପଣ୍ଡା ପରିଚାଳନା କରି ଏହି ଖବର କାଗଜର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ବିଶିଷ୍ଟ କଥାକାର ତଥା ପ୍ରକାଶକ ବାଦଲ ମହାନ୍ତି, ଚିତ୍ର ଶିଳ୍ପୀ ଓ କଥାକାର ସଞ୍ଜୟ ଭଞ୍ଜ,ବରିଷ୍ଠ ସାମ୍ବାଦିକ ମାଧବ ବେଉରା, ଭୁବନେଶ୍ୱର ଟିଭିର ସମ୍ପାଦକ ଚିତ ମହାପାତ୍ର, ଗବେଷକ ଅଭିରାମ ଦାସ,କଥାକାର ସ୍ୱରୂପ ନାୟକ, ସାମ୍ବାଦିକ ତଥା ସାମାଜିକ କର୍ମୀ ଗୌତମ ମିଶ୍ର, ନାରାୟଣୀ ବୁକଷ୍ଟୋରର ବାବୁଲା ବେହେରା, ସମାଜସେବୀ ଶାରଦା ପ୍ରସାଦ ମହାପାତ୍ର, ଓଡିଶା ମିରରର ସମ୍ପାଦକ ଦିଲ୍ଲୀପ କୁମାର ବିଶ୍ୱାଳ, ବିଶିଷ୍ଟ କବି ଓ ରାଜନୀତିକ ସମୀକ୍ଷକ କେଦାର ମିଶ୍ର,ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଗାଇଡ୍ ଅମିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାରୁଳିଆ ଛକରେ ଜଗଦ୍ଧାତ୍ରୀ ପୂଜା

ଲଙ୍ଗଳେଶ୍ୱର , ୩୧/୧୦ (ନି.ପ୍ର): ବାଲିଆପାଳ ବଜାର ପାରୁଳିଆ ଛକ ବଣିକ ସଂଘ ପକ୍ଷରୁ ଶୁକ୍ରବାର ଜଗଦ୍ଧାତ୍ରୀ ପୂଜା ଆରମ୍ଭ ହୋଇଛି। ପୂଜା ତିନି ଦିନ ଧରି ଚଳିବ ବୋଲି ବଣିକ ସଂଘ କର୍ମ କର୍ତ୍ତା ପ୍ରକାଶ କରିଛନ୍ତି। ପୂଜା ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ନେଇ ନିଷ୍ପତି ଗ୍ରହଣ କରାଯାଇଛି। ବଣିକ ସଂଘର ରାଇ ମୋହନ ପାତ୍ର, ହେମନ୍ତ କୁମାର ପାତ୍ର, ମଧୁ ସୂଦନ ନାଥ, ନିଲୁ ଭଦ୍ର, ଅନନ୍ତ ବିଶ୍ୱାଳ, ବିଜୟ କୁମାର ଦାସ, ହରିହର ଜେନା, ନରେଶ ଚନ୍ଦ୍ର ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି



ସିମୁଳିଆ ମାର୍କେଟ ଫାଷ୍ଟ ଫୁଡ ମାର୍କେଟ ପରିସରରେ ଶ୍ରୀଜଗନ୍ନାଥ ବଣିକ ସଂଘ ପକ୍ଷରୁ ମଙ୍ଗଳବାର ରାତିରୁ ଜଗଦ୍ଧାତ୍ରୀ ପୂଜା ଆରମ୍ଭ ହୋଇଛି। ରବିବାର ପର୍ଯ୍ୟନ୍ତ ପୂଜା ଚାଲୁ ରହିବ। ପୂଜା ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ପୂଜା କମିଟି ର ଗଣେଶ ଚନ୍ଦ୍ର ମହାନ୍ତି, ପଞ୍ଚାନନ ବାରିକ, ହେମନ୍ତ କୁମାର ଦାସ, ସୁଶାନ୍ତ କୁମାର ଦାସ, ପ୍ରଦୀପ କୁମାର ପାତ୍ର, ରାଜେନ୍ଦ୍ର ପ୍ରାମାଣିକ, ଜୟନ୍ତ କୁମାର ରଣା, ଶ୍ରୀଧର ମହାନ୍ତି, କମଳ ଲୋଚନ ନନ୍ଦୀ, ପ୍ରଦୀପ କୁମାର ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ମାତୃହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୩୧/୧୦ (ନି.ପ୍ର): ଏକ ମାତୃହତ୍ୟା ଅଭିଯୋଗରେ ବିଚାର କରି ନୀଳଗିରିର ଅତିରିକ୍ତ ଦୌରାଜଜ୍ ମାନ୍ୟବର ଶ୍ରଦ୍ଧସୀନି କର ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ଓ ସମସ୍ତ ଦସ୍ତାବିଜ୍‌କୁ ଆଧାର କରି ମୁଦାଲାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁସାରେ ନୀଳଗିରି ଥାନା ଅନ୍ତର୍ଗତ ବାଘମରା ଗ୍ରାମର ବାବାଜି ସିଂ ର ପୁଅ ଦୁର୍ଗା ସିଂ ତାର ମାଆ କଙ୍କମଣି ସିଂକୁ ଏକ କାଠ ଫାଳିଆ ରେ ପିଟି ପିଟି ହତ୍ୟା କରିକରିଥିବା ର ଅଭିଯୋଗ ହୋଇଥିଲା। ଦୁର୍ଗା ସିଂ ର ଭାଇ ବୈଦା ସିଂ ଗତ ୧୯/୨/୨୫ରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ନୀଳଗିରି ପୋଲିସ ଦୁର୍ଗାଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦେଇଥିଲା। ନୀଳଗିରି ଜେଲରେ ବିଚାରଧିନ ବନ୍ଦୀ ଭାବେ ଜୀବନ ବିତାଉଥିବା ବେଳେ ମାନ୍ୟବର ବିଚାରପତି ୬ଜଣ ସାକ୍ଷୀଙ୍କ ଜମାନବନ୍ଦୀ କୁ ଭିତ୍ତି କରି ମୁଦାଲା ଦୁର୍ଗା ସିଂ କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଦାଲା ଦୁର୍ଗା ସିଂ ଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମିଶ୍ର ଓ ତନୟ କୁମାର ପାତ୍ର ମୋକଦ୍ଦମା ଲଢୁଥିଲେ।

## ବିଜୁକୁଡିଆ ଗ୍ରାମର ଜଣେ ମହିଳା ୩୫ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ

ବୈଶିଙ୍ଗା, ୩୧/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ପଞ୍ଚାୟତର ବିଜୁକୁଡ଼ିଆ ଗ୍ରାମରେ ଜନୈକା ମହିଳା ବିଭିନ୍ନ ପ୍ରଲୋଭନ ଦେଖାଇ ଗ୍ରାମ ର ଏସଏଚଜି ଗ୍ରୁପ୍ ର ମହିଳା ମାନଙ୍କ ଠାରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିବା ବୈଶିଙ୍ଗା ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ବିଦୁକୁଡିଆ ଗ୍ରାମର କରୁଣାକର ବେହେରା ଙ୍କ ସ୍ତ୍ରୀ ନିନି ସିଂ ସେହି ଗ୍ରାମ ଏବଂ ମୋହନପୁର ଗ୍ରାମ ର ୩୩ ଜଣ ମହିଳାଙ୍କୁ ବିଭିନ୍ନ ବ୍ୟାଙ୍କ ରେ ଖାତା ଖୋଲିବା ଏବଂ ଲୋନ କରାଇଦେବା ନାମରେ ୩୫ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇଯାଇଥିବା ଜଣାଯାଇଛି । ଏହି ବ୍ୟାଙ୍କ ଗୁଡିକ ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କ, ଇଉନିଅନ ବ୍ୟାଙ୍କ, ୟୁକେ ବ୍ୟାଙ୍କ,ଭାରତୀୟ ଷ୍ଟେଟ ବ୍ୟାଙ୍କ,ଫୁଜିୟନ ଫାଇନାନ୍ସ , ଭାରତ ଫାଇନାନ୍ସ, ଗ୍ରାମୀଣ କୋଟା ଫାଇନାନ୍ସ, ଅନ୍ନପୂର୍ଣ୍ଣା ଫାଇନାନ୍ସ,ନାବଫିନ୍ ଫାଇନାନ୍ସ ,ବନ୍ଧନ ଫାଇନାନ୍ସ ଆଦି ସଂସ୍ଥାରୁ ଅଭିଯୋଗକାରୀ ୩୩ ଜଣ ମହିଳାଙ୍କ ନାମରେ ଲୋନ କରାଯାଇଥିବାର ଜଣାଯାଇଛି । ବ୍ୟାଙ୍କ ମାନଙ୍କରୁ ନୋଟିସ ଆସିବାପରେ ସେମାନେ ଜାଣିବାକୁ ପାଇଥିଲେ ।ଏ ନେଇ ୩୩ ଜଣଙ୍କ ହସ୍ତଗତ ସମ୍ବଳିତ ଏକ ଅଭିଯୋଗ ବୈଶିଙ୍ଗା ଥାନାରେ କରାଯାଇଛି । ଅଭିଯୋଗ ପାଇବା ପରେ ୫୫୬/୨୫ ମୂଳେ ମାମଲା ରୁଜୁ କରାଯାଇଛି । ପାଲଟା ଅଭିଯୋଗରେ ନିନି ସିଂ ଏକ ଅଭିଯୋଗ କରିଛନ୍ତି କି ସେ ଏବଂ ସ୍ୱାମୀ କରୁଣାକର ଦୀର୍ଘଦିନ ଧରି ଘରେ ନ ଥିବାରୁ ସମସ୍ତ ଆସବାବପତ୍ର ଗ୍ରାମବାସୀ ମାନେ ଲୁଟି ନେଇଛନ୍ତି । ଏ ନେଇ ୫୫୭/୨୫ ମୂଳେ ଏକ ମାମଲା ରୁଜୁ କରାଯାଇଛି । ପ୍ରକୃତ ଘଟଣାର ତଦନ୍ତ ଜାରି ରଖିଛି ପୋଲିସ୍ ।

## ପାରାଦୀପ ବନ୍ଦର ପକ୍ଷରୁ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମ



ପାରାଦୀପ, ୩୧/୧୦ (ନି.ପ୍ର): ରାଷ୍ଟ୍ରୀୟ ଏକାତା ଦିବସ ପାଳନ ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ଏକତା ପାଇଁ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏହି ଗଣଦୌଡ ଆୟୋଜିତ ହୋଇଥିଲା । ପାରାଦୀପ ବନ୍ଦର ଭାରପ୍ରାପ୍ତ ଉପାଧ୍ୟକ୍ଷ କ୍ୟାପଟେନ୍ ଅଲେଖ ଚରଣ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇ ସର୍ଦ୍ଦାର ପେଟଲଙ୍କ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ଦୌଡ କାର୍ଯ୍ୟକ୍ରମକୁ କ୍ୟାପଟେନ ଶ୍ରୀ ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଦୌଡ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧିକାରୀ, ଜିକେଏସର କ୍ରୀଡାବିତ୍, ପାରାଦୀପ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଓଡିଶା ମେରିଟାଇମ ଏକାଡେମୀର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ।

## ବାରିପଦା ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ : ପିସିପୁର ସ୍କୁଲ ଶ୍ରେଷ୍ଠ ସାଂସ୍କୃତିକ ଦଳ ବିବେଚିତ

ବାରିପଦା , ୩୧/୧୦ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନରେ ବାରିପଦା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ୧୩ ଟି କ୍ଲଷ୍ଟରରୁ ପ୍ରାୟ ୩୦୦ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ଓ ଜୁନିୟର, ସିନିୟର, ସୁପର ସିନିୟର ବର୍ଗରେ ସମସ୍ତ କ୍ଲଷ୍ଟରରେ ୧ମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ସଂଗୀତ, କୁଇଜ, ପ୍ରବନ୍ଧ, ବକ୍ତୃତା, ନୃତ୍ୟ ତଥା ସାଂସ୍କୃତିକ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦେବାଶିଷ ଗିରି ଚିତ୍ରାଙ୍କନରେ ୧ମ, ଜିତୁ ହାଁସଦା ସଂଗୀତରେ ୨ୟ, ନିତିକ କୁଣ୍ଡ ପି ଏମ ପୋଷଣ ଚିତ୍ରାଙ୍କନରେ ୨ୟ ଏବଂ ସନମ ପାତ୍ର ସିନିୟର ବିଭାଗ ସଂଗୀତରେ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ଓ ତତସହିତ ୧୩ ଟି ସାଂସ୍କୃତିକ ଦଳ ମଧ୍ୟରୁ ପି ସି ପୁର ବିଦ୍ୟାଳୟ ଶ୍ରେଷ୍ଠ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ଓ ପ୍ରକାଶ ଥାଉକି ଏହି ବିଦ୍ୟାଳୟ ୨୦୧୯ ମସିହାରେ ରାଜ୍ୟ ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ୫ମ ଏବଂ ୨୦୨୩ ମସିହାରେ ରାଜ୍ୟରେ ୧ମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇସାରିଛନ୍ତି ଓ ଏ ବର୍ଷ ମଧ୍ୟ ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟର ସାଂସ୍କୃତିକ ଦଳ ଜିଲ୍ଲା ସ୍ତରକୁ ମନୋନୀତ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଓ ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ /ଶିକ୍ଷୟତ୍ରୀ ଓ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ତଥା ହଷ୍ଟେଲର ସମସ୍ତ କର୍ମକର୍ତ୍ତା କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ଓ ଉଦଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼. ଅଭିମନ୍ୟୁ ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପ ଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ଯୋଗଦେଇ ପୁରସ୍କାର ବିତରଣ କରିବା ସହ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇବା ସହ ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତପସ୍ୱିନୀ ଦାଶ, ବାରିପଦା ବ୍ଲକ ସଙ୍ଘ ସଭାପତି ପ୍ରଦୀପ କୁମାର ନାଥ ଓ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର ଉପସ୍ଥିତ ଥିଲେ ଓ ଗୌତମ ପ୍ରସାଦ ଦାସ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ କଲେ ବସ୍ତା ତହସିଲଦାର

ବସ୍ତା,୩୧।୧୦(ନିପ୍ର): ବାଲେଶ୍ୱର ଜିଲା ବସ୍ତା ତହସିଲ ଇଲାକାରେ ରୀତିମତ ସରକାରୀ ଜାଗା ଜମି ଦାଖଲ କରି ଲୋକେ ବାସଗୃହ,ଦୋକାନ ଘର କରି ଦେଉଛନ୍ତି। କିଛି ନେତା ଶ୍ରେଣୀର ଲୋକଙ୍କ ପ୍ରୋତ୍ସାହନରେ ସେମାନେ ଏଭଳି କରୁଥିବା ବେଳେ ଆଇନ କାନୁନ ପ୍ରତି ସେମାନଙ୍କର ଭ୍ରୂକ୍ଷେପ ନାହିଁ।ମାତ୍ର ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଏଠାରେ ଯୋଗ ଦେବା ଠାରୁ ଏ ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଆଜି ଶ୍ରୀ ପଟ୍ଟନାୟକ ସରକାରୀ ଜାଗାରୁ କୋଠିଆ ଗାଁର ଜଗନ୍ନାଥ ସି ଓ ଦୋଳଗୋବିନ୍ଦ ବାରିକ ଏବଂ ବୃନ୍ଦାବନପୁର ଗାଁର ଦାଶରଥି ଜେନା ସରକାରୀ ଜାଗା ଜବର ଦଖଲ କରି ତିଆରି କରିଥିବା ବାସଗୃହ ସଂଲଗ୍ନ ଘର,ପୋଖରୀ ପାଖ ଜାଗା ଏବଂ ଦୋକାନ ଘର ଭାଙ୍ଗି ସଫା କରି ଦେଇଛନ୍ତି। ତହସିଲଦାରଙ୍କ ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ବାଲେଶ୍ୱର , ୩୧/୧୦ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ -୨୦୨୫ ପାଳନ ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଅତିଥି ପରିଚୟ ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଆୟୋଜିତ ସଚେତନତା ସଭାରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା,ପୂର୍ବାଞ୍ଚଳ ଆରକ୍ଷୀ ଉପ ମହାନିର୍ଦ୍ଦେଶକ ପିନାକ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତୋର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ବାଲେଶ୍ୱର ଜିଲ୍ଲା ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ବାଲେଶ୍ୱର ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ,ନୀଳଗିରି ଉପ ଜିଲ୍ଲାପାଳ



ଡ. ମଧୁସ୍ମିତା ସାମନ୍ତରାୟ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ।ଏଥିରେ ବାଲେଶ୍ୱର ଜିଲ୍ଲା ଦୁର୍ନୀତି ନିବାରଣ ବିଭାଗର ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ନାୟକ ଦୁର୍ନୀତି ଓ ଦୁର୍ନୀତି ନିବାରଣ, ସଚେତନତା ନିମନ୍ତେ ଚଳିତ ମାସ ୨୭ ତାରିଖଠାରୁ ଆସନ୍ତା ନଭେମ୍ବର ମାସ ୨ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମଓ୍ୱାକାଥନ, ଗଣଦୌଡ, ଚିତ୍ରାଙ୍କନ, ବ୍ୟଙ୍ଗ ଚିତ୍ର, ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆଦି ଚାଲୁ ରହିବା ସଙ୍ଗେ ସଙ୍ଗେ ଜିଲ୍ଲା ଠାରୁ ଗ୍ରାମରେ ମଧ୍ୟ ସଚେତନ କରାଯାଉଥିବା ସମ୍ପର୍କରେ ଅବଗତ କରିଥିଲେ। ଦୁର୍ନୀତି ନିବାରଣ ନିମନ୍ତେ ବାଲେଶ୍ୱର ଡିଭିଜନ ଅଧୀନରେ ଭଦ୍ରକ,ବାଲେଶ୍ୱର ଏବଂ ମୟୂରଭଞ୍ଜକୁ ସ୍ୱତନ୍ତ୍ର ଅଦାଲତ ବାରିପଦା,କେଉଁଝର ଓ ବାଲେଶ୍ୱର ଠାରେ ସ୍ଥାପିତ ହୋଇଛି। ଏତଦ୍ ଭିନ୍ନ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଆୟ ବହିର୍ଭୁତ ସମ୍ପତ୍ତି ଅର୍ଜିତ, ସରକାରୀ ଅର୍ଥ ଆତ୍ମସାତ, ଉତ୍କୋଚ ସମ୍ପର୍କିତ ବିଭିନ୍ନ ଦିଗକୁ ଆଧାର କରି ସୂଚନା,ପଞ୍ଜିକରଣ ଓ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଉପରେ ବିଶେଷ ଆଲୋକପାତ କରିଥିଲେ।ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ନିର୍ମାଣରେ ବ୍ୟାଧି ତେଣୁ ଦୁର୍ନୀତିର ମୂଳଉତ୍ପାଟନ ନିମନ୍ତେ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ପରେ ପରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ପାଠ କରାଇଥିଲେ। ଏହି ଦୁର୍ନୀତି ସଚେତନତା ଧର୍ମୀ ସଭାରେ ସମ୍ମାନିତ ଅତିଥି ଗଣ ନିଜ ନିଜ ବକ୍ତବ୍ୟରେ ଦୁର୍ନୀତି ଏକ ସାମାଜିକ ବ୍ୟାଧି ଏହାର ନିରାକରଣ ବିନାଶ କରି ଦୁର୍ନୀତି ମୁକ୍ତ ରାଷ୍ଟ୍ର ଗଠନ କରିବା ସ୍ୱଚ୍ଛତା ଅବଲମ୍ବନ କରିବା ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଶ୍ରୀ ପାତ୍ର ଦୁର୍ନୀତିର ପରିଭାଷା ସଂଜ୍ଞା ପ୍ରସଙ୍ଗରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବାଞ୍ଚଳ ଆରକ୍ଷୀ ଉପ ମହାନିର୍ଦ୍ଦେଶକ ପିନାକ ମିଶ୍ର ଆଜି ସମଗ୍ର ବିଶ୍ୱ ଦୁର୍ନୀତି କବଳିତ , ମାନସିକ ସ୍ତରରେ ସୁଧାର ଆଣିବା ପାଇଁ ସ୍ୱଚ୍ଛତାକୁ ଆପଣାଇବା ସହ ସାମାଜିକ ଗଣ ମାଧ୍ୟମର ଭୂମିକା ସମ୍ପର୍କରେ ବାର୍ତ୍ତା ଉପସ୍ଥାପନ କରିଥିଲେ। ଏହି ଜିଲ୍ଲା ସ୍ତରୀୟ ସଚେତନତା ସଭାର ଅଧକ୍ଷ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବୈଷୟିକ ବିଜ୍ଞାନ ଓ ମାନସିକ ପରିବର୍ତ୍ତନ ସହିତ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଥିଲେ।ଏହି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ଶେଷରେ ଦୁର୍ନୀତି ନିବାରଣ ବିଭାଗର ଶ୍ରୀବଲ୍ଲଭ ନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହି ସଭାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରୀ, ଛାତ୍ର ଛାତ୍ରୀଙ୍କ ଯୋଗ ଦେଇଥିଲେ।

## ଏକତା ପାଇଁ ଗଣ ଦୌଡରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ସେବା ପ୍ରଦାନ

ବାଲେଶ୍ୱର , ୩୧/୧୦ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସ୍ୱାଧୀନ ଭାରତର ଉପ ପ୍ରଧାନମନ୍ତ୍ରୀ ଓ ପ୍ରଥମ ସୌରାଷ୍ଟ୍ର ମନ୍ତ୍ରୀ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପକ୍ଷ ଅବସରରେ ଏକତାର ବାର୍ତ୍ତା ନେଇ ସଦର ଥାନାଦ୍ୱାରା ଆୟୋଜିତ ଗଣଦୌଡରେ ଭାଗ ନେଇଥିବା ପଦାଧିକାରୀ ଓ ସାଧାରଣ ଜନତାଙ୍କୁ ଆଞ୍ଚଳିକ ସୁରକ୍ଷା ମଞ୍ଚ ତରଫରୁ ସେବା ପ୍ରଦାନ କରାଯାଇଥିଲା। ଭାରତର ସ୍ୱାଧୀନତା ସଂଗ୍ରାମରେ ଦକ୍ଷ ପରିଚାଳକ ତଥା ସ୍ୱାଧୀନ ଭାରତର ଦକ୍ଷ ନେତୃତ୍ୱ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ୱାଧୀନ ଭାରତରେ ଥିବା ଛୋଟ ବଡ ସମେତ ୫୬୨ ଗଡଜାତମାନଙ୍କୁ ବିନା ରକ୍ତପାତରେ ନିଜର ଦକ୍ଷତା ବଳରେ ସ୍ୱାଧୀନ ଭାରତରେ ସାମିଲ କରିବା ସହ ଭାରତର ଅଖଣ୍ଡତାର ଶ୍ରୀବୃଦ୍ଧି କରିଥିଲେ। ବିଲକ୍ଷଣ ପ୍ରତିଭାଧାରି ବିରଳ ବ୍ୟକ୍ତିତ୍ୱଙ୍କ ଜନ୍ମଦିନରେ ବାଲେଶ୍ୱର ସଦର ଥାନା ପକ୍ଷରୁ ଆୟୋଜିତ ଗଣଦୌଡରେ ଦକ୍ଷ ଯୁବ



ଥାନାଧିକାରୀ ସାଲଖାନ ମୁର୍ମୁ ସହିତ କୋଡିଏ ରୁ ଅଧିକ ଜଣ ବିଭାଗୀୟ ବିଭିନ୍ନ ପଦାଧିକାରୀ ସମେତ ସାଧାରଣ ଜନତା ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ସମାଜ ପ୍ରତି ଉତ୍ସର୍ଗୀକୃତ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠିତ ଆଞ୍ଚଳିକ ସୁରକ୍ଷା ମଞ୍ଚ, ବାଲେଶ୍ୱର ଏକତାର ବାର୍ତ୍ତାନେଇ ଦୌଡୁଥିବା ଘରୋଇ ବିଭାଗର ବିଭିନ୍ନ କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କୁ ଓଆରଏସ, ଟାଟା ଗ୍ଲୋକାନ,ଥଣ୍ଡା ଜଳ, ବିଭିନ୍ନ ଫଳ, ଜଳଖିଆ ବିଭିନ୍ନ ସ୍ଥାନରେ ପ୍ରଦାନ କରି ଉତ୍ସାହିତ କରିଥିଲେ। ଗଣଦୌଡ ସଦର ଥାନାରୁ ବାହାରି କୁରୁଡ଼ା ଛକ ଦେଇ ଜିଲ୍ଲା ମୁଖ୍ୟ ସଡ଼କରେ ଥିବା ତାମୁଲିଆ ଉଡ଼ନ୍ତା ପୋଲ ପୂର୍ବରୁ ଶେଷ ହୋଇଥିଲା। ଗଣ ଦୌଡକୁ ବରେଣ୍ୟ ରେମୁଣା ବିଧାୟକ ଓ ଉପମୁଖ୍ୟ ସଚେତକ, ଓଡିଶା ସରକାର ଗୋବିନ୍ଦ ଚନ୍ଦ୍ର ଦାସ ମହୋଦୟ ପତାକା ହଲାଇ ଶୁଭ ଉଦଘାଟନ କରିଥିଲେ। ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ ନୀଳଗିର ଗଡ଼ଜାତ ସ୍ୱାଧୀନ ଭାରତରେ ଓଡ଼ିଶାର ପ୍ରଥମ ଗଡଜାତ ଭାବରେ ସାମିଲ ହୋଇଥିବାରୁ ବାଲେଶ୍ୱର ସହରରେ ସ୍ମୃତି ବାହକରୂପେ ସେହି ପବିତ୍ର ଆତ୍ମାଙ୍କର ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସୁରକ୍ଷା ମଞ୍ଚ ତରଫରୁ ଦାବିରଖିଛନ୍ତି। ପଚାଶରୁ ଅଧିକ ଆଞ୍ଚଳିକ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଓ ସାଧାରଣ ସଭ୍ୟ ସମସ୍ତ କାର୍ଯ୍ୟ ସୁ ପରିଚାଳନା କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida